
## ଚହଲଙ୍କୁ ମନର କଥା କହିଲେ ଆରଜେ ମହଭାଶ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୭୨ ● ୧୦ ଅପ୍ରେଲ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-72 ● 10th April 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



DSPL-22



ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଓଡ଼ିଶାର ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ଯୁଗର ଶୁଭାରମ୍ଭ

## ଆସନ୍ତାକାଲି ଠାରୁ ଲାଗୁ ହେବାକୁ ଯାଉଛି

## ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା

- ହିତାଧିକାରୀ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ଏ.ବି.ପିଏମ୍.ଜେ.ଏ.ୱାଇ - ଜି.ଜେ.ଏ.ୱାଇ କାର୍ଡ଼
- ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ କିମ୍ବା ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମିଳିବ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
- ରାଜ୍ୟର ୧.୦୩ କୋଟିରୁ ଉର୍ଦ୍ଧ୍ୱ ପରିବାରର ୩.୪୬ କୋଟି ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସେବା
- ଦେଶର ୨୯,୦୦୦ ରୁ ଉର୍ଦ୍ଧ୍ୱ ସରକାରୀ ଓ ପଞ୍ଜିକୃତ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ସୁବିଧା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR : 10001/13/0045/2425

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଅପ୍ରେଲ ୨୦୨୫ ଗୁରୁବାର





# ବିନ୍ଦୁସାଗରରେ ଲେଜର୍ ଶୋ' ବନ୍ଦ:ପର୍ଯ୍ୟଟକଙ୍କ ଅସନ୍ତୋଷ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ପର୍ଯ୍ୟଟନସ୍ଥଳରେ ପ୍ରକଳ୍ପଗୁଡ଼ିକୁ ସୂଚାରରୂପେ କାର୍ଯ୍ୟକାରୀ କରିପାରୁନି ପର୍ଯ୍ୟଟନ ବିଭାଗ। ପର୍ଯ୍ୟଟକଙ୍କ ମନୋରଞ୍ଜନ ତଥା ସେମାନଙ୍କୁ ଆକର୍ଷିତ କରିବା ଲାଗି ପ୍ରତିବର୍ଷ ଅନେକ ନୂଆ ପ୍ରକଳ୍ପ ନିର୍ମାଣ ହେଉଛି । କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି । ଚଳିତ ବର୍ଷ ବଜେଟ୍‌ରେ ପର୍ଯ୍ୟଟନ ବିଭାଗ ୩୮୦ କୋଟି ଟଙ୍କାର ବ୍ୟୟ ଅଟକଳ କରିଛି । ହେଲେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ପ୍ରକଳ୍ପଗୁଡ଼ିକ ଅଚଳ ହୋଇଯାଉଛି । ଏକାମ୍ର କ୍ଷେତ୍ରର ପବିତ୍ର ବିନ୍ଦୁସାଗରରେ ୨୦୧୮ ନଭେମ୍ବରରେ ପ୍ରାୟ ୯କୋଟି ବ୍ୟୟରେ ଲେଜର ଶୋ' ଆରମ୍ଭ ହୋଇଥିଲା। ଇଡ୍‌କୋ ଏହାକୁ ପାଞ୍ଚବର୍ଷ ଧରି ପରିଚାଳନା କରିଥିଲା। ୨୦୨୩ରେ ଇଡ୍‌କୋର ପରିଚାଳନା ଅବଧି ଶେଷ ହୋଇଛି। ସେବେଠାରୁ ପର୍ଯ୍ୟଟନ ବିଭାଗ ତାହାକୁ ପରିଚାଳନା କରିବା ଲାଗି ନିଷ୍ପତ୍ତି ନେଇପାରୁନି । ପ୍ରଥମେ ବିଏମ୍‌ସିକୁ ଦେବା ପାଇଁ ନିଷ୍ପତ୍ତି ନେଇଥିବା ବେଳେ ବିଏମ୍‌ସି ଚଳାଇବାକୁ ମନା କରିଦେଇଥିଲା । ପରବର୍ତ୍ତୀ ସମୟରେ ଓଟିଡିସି ଲେଜର ଶୋ' ଚଳାଇବ ବୋଲି ଓଟିଡିସିର ଅଧ୍ୟକ୍ଷ ତଥା ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ବଲୱନ୍ତ ସିଂ କହିଥିଲେ। ଗତ ଜାନୁଆରୀ ୧୫ରେ ଇଡ୍‌କୋ ଠାରୁ ଓଟିଡିସି ପରିଚାଳନା ଦାୟିତ୍ୱ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସେବେଠାରୁ ଓଟିଡିସି ଦାୟିତ୍ୱ ଗ୍ରହଣ କରୁନି । ଅନ୍ୟପକ୍ଷରେ ଇଡ୍‌କୋ ଏପ୍ରିଲ୍ ପହିଲା ତଥା ଉତ୍କଳ ଦିବସରୁ ଲେଜର ଶୋ'କୁ ବନ୍ଦ କରି ଦେଇଛି । ସେବେଠାରୁ ପର୍ଯ୍ୟଟକ ଶୋ' ଦେଖିବାରୁ ବଞ୍ଚିତ ଅଛନ୍ତି। କୋଟି କୋଟି ଟଙ୍କାର ପ୍ରକଳ୍ପ ଅଚଳ ପଡ଼ି ରହିଛି। ବିଭିନ୍ନ ଯନ୍ତ୍ରପାତି ଚୋରି ହେବା ସମ୍ଭାବନା ରହିଛି। ଆଗକୁ ପ୍ରକଳ୍ପ ଚାଲିବ କି' ବନ୍ଦ ହୋଇଯିବ ତାହାର ନିଷ୍ପତ୍ତି ବିଭାଗୀୟ ଅଧିକାରୀ ନେଇପାରୁ ନାହାନ୍ତି। ଏପ୍ରିଲ ୩୦ରେ ଅକ୍ଷୟ ତୃତୀୟା। ଏହି ଦିନଠାରୁ ମହାପ୍ରଭୁ ଶ୍ରୀଲିଙ୍ଗରାଜ ବିନ୍ଦୁସାଗର ଜଳରେ ୨୨ଦିନ ଧରି ଜଳକ୍ରୀଡ଼ା କରିବେ । ଏହାକୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା କୁହାଯାଏ। ଦିଅଁଙ୍କ ଏହି ଯାତ୍ରାକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୁଏ । ମୁଣ୍ଡ ଉପରେ ଦିଅଁଙ୍କ ଚନ୍ଦନ ଯାତ୍ରା ରହିଥିବା ବେଳେ ବିନ୍ଦୁସାଗର ଲେଜର ଶୋ' ବନ୍ଦ ହୋଇଯିବା ଅଗଣିତ ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରିଛି। ବିଭାଗୀୟ ଅଧିକାରୀଙ୍କ ଅଯୋଗ୍ୟତା ଯୋଗୁଁ ପ୍ରକଳ୍ପକୁ ବାରମ୍ବାର ବନ୍ଦ କରିବାକୁ ପଡୁଥିବା ସାଧାରଣରେ ଅଭିଯୋଗ ହେଉଛି । ଏ ସମ୍ପର୍କରେ ଇଡ୍‌କୋର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର ଜ୍ୟୋତି ପ୍ରକାଶ କହିଛନ୍ତି, ମଙ୍ଗଳବାର ଇଡ୍‌କୋ ପକ୍ଷରୁ ପର୍ଯ୍ୟଟନ ନିର୍ଦ୍ଦେଶିକା ମାନ୍‌ସୀ ନିମ୍ବାଲଙ୍କ ଆଲୋଚନା ହୋଇଛି। ଓଟିଡିସି ପରିଚାଳନା ଦାୟିତ୍ୱ ନେବ ବୋଲି ପ୍ରତିଶ୍ରୁତି ଦେଇଛି ।

## ।।।।।।।।।।।।।।।। ଏମ୍‌କେସିଜି ଆଶୁ ଚିକିତ୍ସା ବିଭାଗର ଦୟନୀୟ ସ୍ଥିତି ।।।।।।।।।।।।।।।।

# କାର୍ଯ୍ୟକ୍ଷମ ହୋଇପାରୁନି ଆଇସିୟୁ:ସିନିୟର ରେସିଡେ଼ଣ୍ଟଙ୍କ ହାତରେ ଚିକିତ୍ସା ଭାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ବଡ଼ ଡାକ୍ତରଖାନା ଆଶୁ ଚିକିତ୍ସା ବିଭାଗ ଅତ୍ୟନ୍ତ ଦୟନୀୟ ସ୍ଥିତି ଦେଇ ଗତି କରୁଛି । ଗୁରୁତର ଅବସ୍ଥାରେ ଆସୁଥିବା ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସାସେବା ମିଳୁନଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ ହେଉଥିବା ବେଳେ ଚିକିତ୍ସା ପାଇଁ ଅତ୍ୟାବଶ୍ୟକୀୟ ଯନ୍ତ୍ରାଂଶ ନଥିବା ନେଇ ରୋଗୀ ସମ୍ପର୍କୀୟଙ୍କ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି । ପ୍ରତିଦିନ ଆଶୁଚିକିତ୍ସା ବିଭାଗକୁ ଶହ ଶହ ସଂଖ୍ୟାରେ ରୋଗୀ ଆସୁଛନ୍ତି । ଦିନେ ଦିନେ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ଯେ ରୋଗୀ ଶଯ୍ୟା ନପାଇ ବାରଣ୍ଡାରେ ପଡ଼ି ରହୁଛନ୍ତି । କର୍ମଚାରୀ ସଙ୍କଟ ଚିକିତ୍ସା ସେବାରେ ବାଧା ସୃଷ୍ଟି ହେଉଛି । ୨୦୧୫ ଅଗଷ୍ଟ ମାସରେ ସାଢ଼େ ୩ କୋଟି ଟଙ୍କା ବ୍ୟୟରେ ଆଶୁଚିକିତ୍ସା ବିଭାଗର ଦୋମହଲା ବିଶିଷ୍ଟ ନୂତନ କୋଠା ଉଦ୍‌ଘାଟିତ ହୋଇଥିଲା । ଏହି ବିଭାଗକୁ ପ୍ରତିଦିନ ୪ ଶହରୁ ୫ ଶହ ରୋଗୀ ଆସୁଛନ୍ତି । ଦୁଇ ମହଲା ବିଶିଷ୍ଟ ଆଶୁଚିକିତ୍ସା ବିଭାଗରେ ସର୍ଜରୀ ଓ ମେଡ଼ିସିନ୍ ବିଭାଗର ୩୯ଟି ଶଯ୍ୟା ରହିଛି । କରୋନା ପରେ ରୋଗୀଙ୍କ ସଂଖ୍ୟା ଦୁଇ ଗୁଣା ବଢ଼ିଥିବା ବେଳେ ଏଠାରେ ଶଯ୍ୟା ସଂଖ୍ୟା କିନ୍ତୁ ବଢୁନାହିଁ । ଏଠାରେ ୪ ଶଯ୍ୟା ବିଶିଷ୍ଟ ମାଇନର ଓଟି ରହିଛି । ଏଠାରେ ଥିବା ଶୀତତାପ ନିୟନ୍ତ୍ରିତ ମେସିନ୍ (ଏସି) କାମ କରୁନାହିଁ । ଗୁରୁତର ଅବସ୍ଥାରେ ଆସୁଥିବା ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯିବା ପରେ ବିଭିନ୍ନ ପରୀକ୍ଷା ପାଇଁ ରୋଗୀ ହନ୍ତସନ୍ତ ହେବାକୁ ପଡୁଛି । ଆଶୁଚିକିତ୍ସା ବିଭାଗରେ ରୋଗୀଙ୍କ ପାଇଁ ଦୁଇଟି ଲିଫ୍ଟ ରହିଥିବା ବେଳେ ସେଥିରୁ ଗୋଟିଏ କାମ କରୁନାହିଁ । ଲିଫ୍ଟ କାମ ନକରିବା ଫଳରେ ରୋଗୀଙ୍କୁ ଷ୍ଟ୍ରେଚରରେ ଉପର ମହଲାକୁ ନେବା ସମସ୍ୟା ହେଉଛି । ଶଯ୍ୟା ଅଭାବ ଏଠାରେ ବଡ଼ ସମସ୍ୟା ଭାବେ ମୁଣ୍ଡ ଟେକିଛି । ଜାତୀୟ ମେଡ଼ିକାଲ୍ କମିଶନର ନିୟମ ଅନୁସାରେ ରୋଗୀ ଆସି ଟ୍ରାଞ୍ଜିଟ୍‌ରେ ରହି ନିରୀକ୍ଷଣ ପରେ ଶଯ୍ୟାକୁ ସ୍ଥାନାନ୍ତର ହେବା କଥା । ଏଠାରେ କିନ୍ତୁ ଏହି ନିୟମ ଆଦୌ ପାଳନ ହେଉନାହିଁ । ରୋଗୀଙ୍କ ସଂଖ୍ୟା ଅନୁସାରେ ଆବଶ୍ୟକ ସଂଖ୍ୟକ ଷ୍ଟ୍ରେଚର୍ ନଥିବା ଯୋଗୁଁ ଅଧିକାଂଶ ସମୟରେ ରୋଗୀଙ୍କୁ ସେମାନଙ୍କ ସମ୍ପର୍କୀୟମାନେ କାନ୍ଧେଇ ନେବାକୁ ପଡୁଥିବା ଦେଖିବାକୁ ମିଳୁଛି । ଆଶୁ ଚିକିତ୍ସା ବିଭାଗରେ ୧୦ ଶଯ୍ୟା ବିଶିଷ୍ଟ ଆଇସିୟୁ ରହିଥିବା ବେଳେ ଏହା କାର୍ଯ୍ୟକ୍ଷମ ହୋଇପାରୁନି । ଆଇସିୟୁ ପାଇଁ ନିଶ୍ଚେତକ ଡାକ୍ତର, ସିନିୟର ରେସିଡେଣ୍ଟ ଓ ସେବିକା ନିୟୋଜିତ ହୋଇନଥିବା ଜଣାପଡ଼ିଛି । ନିୟମ ଅନୁଯାୟୀ ଆଶୁଚିକିତ୍ସା ବିଭାଗରେ ଜଣେ ବରିଷ୍ଠ ବିଶେଷଜ୍ଞ ଉପସ୍ଥିତ ରହି ରୋଗୀଙ୍କ ଚିକିତ୍ସା କରିବା ବଦଳରେ ଅଧିକାଂଶ ସମୟରେ ବରିଷ୍ଠ ବିଶେଷଜ୍ଞଙ୍କ ଦେଖା ମିଳୁନାହିଁ । ସିନିୟର ରେସିଡେଣ୍ଟମାନେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି । ହୃଦ୍‌ରୋଗୀ ଆସିଲେ ଇସିଜି ରିପୋର୍ଟ ବାହାର କରିବାରେ ନାହିଁନଥିବା ଅସୁବିଧା ହେଉଛି, ଦୁର୍ଭାଗ୍ୟର ବିଷୟ ହେଉଛି ଏହି ବିଭାଗରେ ମହିଳା କିମ୍ବା ଗୁରୁତର ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଇସିଜି ରୁମ୍ ନାହିଁ । ତିନିଜଣ କର୍ମଚାରୀ ତିନୋଟି ସିଫ୍ଟରେ କାମ କରୁଛନ୍ତି । ଦୁଇଟି ମହଲାକୁ ଜଣେ କର୍ମଚାରୀ ଇସିଜି ମେସିନ୍ ଧରି କାମ କରିବା ବେଳେ ଅସୁବିଧା ସୃଷ୍ଟି ହେଉଛି । ଷ୍ଟ୍ରେଚର୍ କିମ୍ବା ହ୍ୱିଲ୍ ଚେୟାର ପାଇଁ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରତିଦିନ ଟଣାଓଟରା ସ୍ଥିତି ସୃଷ୍ଟି ହେଉଛି । ପରିସରରେ ରହିଥିବା ଅଗ୍ନିନିର୍ବାପକ ଯନ୍ତ୍ରର ଅବଧି ସରିଲାଣି କିନ୍ତୁ ଏହାର ନବୀକରଣ କରାଯାଇନାହିଁ । ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି ଆଶୁ ଚିକିତ୍ସା ବିଭାଗରେ ଜଣେ କାଜୁଆଲ୍‌ଟି ମେଡ଼ିକାଲ୍ ଅଫିସର ପଦବୀ ଖାଲି ପଡ଼ିଛି । ଏଠାରେ ରୋଗୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଉନଥିବା ଏବଂ ଚଟାଣରେ ଶୋଉଥିବା ନେଇ ବିଧାୟକ କେ. ଅନୀଲ୍ କୁମାର ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ଉପର ମହଲାରେ ରୋଗୀଙ୍କୁ ଚିକିତ୍ସା କରାଇବା ପାଇଁ ପ୍ରସ୍ତାବ ଦେଉଛନ୍ତି । ଏଥିନେଇ ଏମ୍‌କେସିଜି ଡ଼ିନ୍ ପ୍ରଫେସର ଡ଼ା. ସୁଚିତ୍ରା ଦାଶଙ୍କ ସହ ଯୋଗାଯୋଗ କରାଯିବାରେ ବିଧାୟକଙ୍କ ପ୍ରସ୍ତାବକୁ ନେଇ ଆଲୋଚନା କରାଯାଇଛି । ଅନୁମୋଦନ ମିଳିବା ପରେ କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି । ସେଭଳି ନିଶ୍ଚେତକ ଡାକ୍ତର ଅଭାବ ଯୋଗୁଁ ଆଇସିୟୁ କାର୍ଯ୍ୟକାରୀ ହୋଇପାରୁନଥିବା କହିଛନ୍ତି ।

# ପୂର୍ବ ଶତ୍ରୁତାରୁ ବିଭତ୍ସ ହତ୍ୟାକାଣ୍ଡ:ବସ୍ତାରେ ବାନ୍ଧି ନିଆଁ ଲଗାଇ ଜାଳିଦେଲେ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ପୂର୍ବ ଶତ୍ରୁତାରୁ ବୀଭତ୍ସ ହତ୍ୟା। ପ୍ରଥମେ ଗାଡ଼ିରେ ଧକ୍କା ଦେଲେ। ପରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କଲେ। ତଥାପି ଜୀବନ ନ ଯିବାରୁ ବସ୍ତାରେ ପୂରାଇ ଏକ କଲ୍‌ଭର୍ଟ ତଳ ହ୍ୟୁମ୍ ପାଇପ୍‌ରେ ଭର୍ତ୍ତି କରି ନିଆଁ ଲଗାଇ ପୋଡ଼ିଦେଲେ। ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ଅନ୍ତର୍ଗତ ବରିହାପାଲି ଗ୍ରାମରେ ଘଟିଛି ଏହି ଲୋମହର୍ଷଣକାରୀ ହତ୍ୟାକାଣ୍ଡ। ମୃତକ ବନହରପାଲି ଥାନା ଦଲଗାଁ ପଞ୍ଚାୟତ ସ୍ଥିତ ବାଦିମାଲର ରୂପେଶ ପୂଝାରୀ (୫୦)। ଦରପୋଡ଼ା ଶବକୁ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଏଫ୍‌.ଏମ୍‌ଟିକୁ ପଠାଯିବ ବୋଲି ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ କହିଛନ୍ତି । ଅଭିଯୁକ୍ତ ସୁଶୀଳ ରାଉତ (୪୮)କୁ ପୋଲିସ ଅଟକ ରଖି ସିନ୍ ରିକ୍ରିଏସନ୍ କରିଛି । ହତ୍ୟା ପଛରେ ପୂର୍ବ ଶତ୍ରୁତା କାରଣ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଟିଆର୍‌ଏଲ୍ କମ୍ପାନୀରେ କାମ କରୁଥିବା ରୂପେଶ ଗତ ୫ ତାରିଖରେ ଡ୍ୟୁଟିକୁ ଯାଇଥିଲେ। ସେଠାରୁ ରାତିରେ ସାଇକଲ ଯୋଗେ ଘରକୁ ଫେରୁଥିଲେ। ବନହରପାଲି ଥାନା ଅନ୍ତର୍ଗତ ବନ୍ଧବାହାଲ ମାଝୀପଡ଼ାର ଧୁବେନଟିପି ନିକଟରେ ସାମ୍‌ନାରୁ ବୋଲେରୋ ଯୋଗେ ଆସୁଥିବା ବାଦିମାଲ ଲିମତଲିଆ ପଡ଼ାର ସୁଶୀଳ ରାଉତ ତାଙ୍କୁ ଧକ୍କା ଦେଇଥିଲେ। କିନ୍ତୁ ଏଥିରେ ରୂପେଶଙ୍କ ମୃତ୍ୟୁ ହୋଇନଥିଲା। ଏହା ଦେଖି ଉକ୍ତ ବୋଲେରୋରେ ଥିବା ଅନ୍ୟ ଜଣେ ବ୍ୟକ୍ତି ସେଠାରୁ ପଳାଇଥିଲେ। ଏହା ପରେ ସୁଶୀଳ ଏକ ବାଡ଼ିରେ ରୂପେଶଙ୍କୁ ପିଟି ପିଟି ମାରିବାକୁ ଉଦ୍ୟମ କରିଥିଲା। ପରେ ତାଙ୍କୁ ବୋଲେରୋ ଗାଡ଼ିରେ ଭର୍ତ୍ତି କରି ଲଖନପୁର ଥାନା ଅନ୍ତର୍ଗତ ଜାମବେର୍ଣ୍ଣା ରାସ୍ତାରେ ଥିବା ବରିହାପାଲି ଗାଁର ଏକ କଲଭର୍ଟକୁ ନେଇଯାଇଥିଲା। ସେଠାରେ ଏକ ଅଖା ବସ୍ତାରେ ରୂପେଶଙ୍କୁ ଭର୍ତ୍ତି କରି ହ୍ୟୁମ୍ ପାଇପ୍ ଭିତରେ ପୂରାଇ ଦେଇଥିଲା। ପ୍ରମାଣ ନଷ୍ଟ କରିବାକୁ କିରୋସିନ୍ ଢାଳି ନିଆଁ ଲଗାଇ ଦେଇଥିଲେ। ସେଠାରୁ ଫେରି ରୂପେଶଙ୍କ ସାଇକଲକୁ ଏକ ମୋରମ୍ ଖାଲରେ ପକାଇ ଦେଇଥିଲା। ପରିବାର ଲୋକେ ରୂପେଶଙ୍କୁ ଖୋଜାଖୋଜି କରିଥିଲେ। ତେବେ ବୋଲେରୋରୁ ବାହାରି ଚାଲି ଯାଇଥିବା ଯୁବକଜଣଙ୍କ ୭ ତାରିଖ ଦିନ ରୂପେଶଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ଏହି ଆଧାରରେ ପରିବାର ଲୋକେ ବନହରପାଲି ଥାନାରେ ଏତଲା ଦେଇଥିଲେ।



# ବିପୁଳ ମଦ ଜବତ:୪ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସଦର, କେନ୍ଦ୍ରାପଡ଼ା ଟାଉନ୍, ପଟ୍ଟାମୁଣ୍ଡାଇ ଟାଉନ୍ ଏବଂ ଡେରାବିଶ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଗରାପୁର ଗ୍ରାମର ଦୁରି ମଲିକଙ୍କ ଠାରୁ ୧୫ ଲିଟର ଦେଶୀ ମଦ, କଜଳା ଗ୍ରାମର କୁନି ଦଳଙ୍କ ଠାରୁ ୫ ଲିଟର ଦେଶୀ ମଦ, ସାନମୂଳବସନ୍ତ ଗ୍ରାମର ଦୀପକ ସେଠୀଙ୍କ ଠାରୁ ୬ ଲିଟର ଦେଶୀ ମଦ ଏବଂ ତିଲଙ୍ଗ ଗ୍ରାମର ପ୍ରଶାନ୍ତ ମଲିକଙ୍କ ଠାରୁ ୬୫ ଲିଟର ଦେଶୀ ମଦ ଓ ୫୦ ଲିଟର ବିଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୯୧ ଲିଟର ଚୋରା ଦେଶୀ ମଦ ଓ ୫୦ ଲିଟର ବିଦେଶୀ ମଦ ଜବତ କରାଯାଇ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ, କେନ୍ଦ୍ରାପଡ଼ା କହିଛନ୍ତି । ଏହି ଚଢଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲ୍ଲିକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ଅବକାରୀ ଉପ ନିରିକ୍ଷକ ଛାୟାକାନ୍ତ ନାୟକ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ଅନ୍ଧବିଶ୍ୱାସର କରୁଣ ପରିଣତି:ଗୁଣିଆ ଉପରେ ଭରସା କରି ନାବାଳିକାର ମୃତ୍ୟୁ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଅନ୍ଧବିଶ୍ୱାସର ସାଂଘାତିକ ପରିଣତି । ଡାକ୍ତରଙ୍କ ଚିକିତ୍ସା ଉପରେ ଭରସା କରିପାରିଲେନି। ଗୁଣିଆ ଉପରେ ବିଶ୍ୱାସ କରିବା ଯୋଗୁଁ ଜଣେ ନାବାଳିକାଙ୍କ ଜୀବନ ଅକାଳରେ ଝଡ଼ି ପଡ଼ିଛି। ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ କତ୍ରାଗୁଡ଼ା ଗାଁର ଜିଗଡୁ ଗଲୋରିଙ୍କ ଝିଅ ସଂଜିତା ଗଲୋରି (୧୨) କିଛି ଦିନ ହେଲା ପେଟରେ ଯନ୍ତ୍ରଣା ଭୋଗୁଥିଲେ। ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକ ଡାକ୍ତରଖାନା ନେବାକୁ ନିଷ୍ପତି ନେଇଥିଲେ। ତେବେ ଏହି ଗାଁକୁ ଏଯାଏଁ ରାସ୍ତା ନିର୍ମାଣ ହୋଇପାରିନି। ପାଦଚଲା ରାସ୍ତାରେ ଲୋକେ ଯାତାୟାତ କରୁଛନ୍ତି। ଫଳରେ ସଂଜିତାଙ୍କୁ ଗୋଟିଏ ଚୌକିରେ ବସାଇ ପରିବାର ଲୋକ କାନ୍ଧରେ ଭାର କରି ୬ କିଲୋମିଟର ଚାଲି ଚାଲି ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତୁରନ୍ତ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। ମାଲକାନଗିରି ମାଲକାନଗିରି ନେବା ପରିବର୍ତ୍ତେ ପରିବାର ଲୋକ ଭାରରେ ବୋହି ଝିଅକୁ ଘରକୁ ନେଇ ଆସିଥିଲେ। ଡାକ୍ତରୀ ଚିକିତ୍ସା ଉପରୁ ଭରସା ହରାଇ ଜଣେ ଗୁଣିଆ ପାଖରେ ଝିଅର ଚିକିତ୍ସା କରାଯାଇଥିଲା । ଶେଷରେ ସଂଜିତା ପ୍ରାଣ ହରାଇଥିବା ସୂଚନା ମିଳିଛି। ଝିଅର ମୃତ୍ୟୁ ପାଇଁ ରାସ୍ତାକୁ ଦୋଷ ଦେଇଛନ୍ତି ଗ୍ରାମବାସୀ। ରାସ୍ତା ନଥିବାରୁ ଗାଁକୁ ଆମ୍ବୁଲାନ୍ସ ଆସିପାରୁନି । ତେଣୁ ଠିକ୍ ସମୟରେ ଡାକ୍ତରଖାନାକୁ ନେଇପାରି ନଥିଲେ। କିନ୍ତୁ ଅଶିକ୍ଷା ଯୋଗୁଁ ଅନ୍ଧବିଶ୍ୱାସକୁ ଜାବୁଡ଼ି ଧରିବା ଫଳରେ କିଭଳି ଗୋଟିଏ ନିରୀହ ଜୀବନ ଅକାଳରେ ଚାଲିଗଲା ସେହି ବିଷୟରେ ଆଦୌ ଆଲୋଚନା କରୁନାହାନ୍ତି। ଗୋଟିଏ ପଟେ ପରିବାର ଅନ୍ଧବିଶ୍ୱାସର ସାହାରା ନେବା ଅନ୍ୟପଟେ ଲୋକେ ଅଶିକ୍ଷିତ ରହିବା ଏବଂ ଗାଁକୁ ରାସ୍ତା ନିର୍ମାଣ ନ ହେବା ଚିନ୍ତାଜନକ ବୋଲି ବୁଦ୍ଧିଜୀବୀ କହିଛନ୍ତି ।

# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଦିନକୁ ଦିନ ସାମ୍ବାଦିକ ମାନଙ୍କ ଉପରେ ହେଉଥିବା ଆକ୍ରମଣ ଘଟଣାରେ ଉଦ୍‌ବେଗ ପ୍ରକାଶ କରାଯାଇ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ୍ ଲାଗୁ କରିବା ଓ ସାମ୍ବାଦିକ ମାନଙ୍କୁ ସୁରକ୍ଷା ପ୍ରଦାନ କରିବା ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି କରାଯାଇଛି । ଗତ ରବିବାର ଦିନ ପୁରୀରେ ଜଣେ ସାମ୍ବାଦିକଙ୍କୁ ଆକ୍ରମଣ କରାଯାଇଥିବା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ । ଏହି ପରିପ୍ରେକ୍ଷୀରେ ଏସ୍‌ୟୁଜେ ଜିଲ୍ଲା ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଭାରପ୍ରାପ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ ।

# ମାନବ ସମ୍ବଳ ଅଭାବରୁ ଅନେକ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସ୍ୱାସ୍ଥ୍ୟ ବିଭାଗକୁ ଯେଭଳି ଶନିଦଶା ଘାରିଛି । ଅନେକ ଡାକ୍ତରଖାନାରେ ଆବଶ୍ୟକ ଭିତ୍ତିଭୂମି ନଥିବାବେଳେ ମାନବ ସମ୍ବଳର ଅଭାବ ସମସ୍ୟାକୁ ଦ୍ୱିଗୁଣିତ କରିଛି । ତେଣୁ ରାଜ୍ୟରେ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ପ୍ରାୟ ସାଢେ ଚାରି କୋଟି ଲୋକଙ୍କ ପାଇଁ ୭୭୬୫ ସରକାରୀ ଡାକ୍ତର ଅଛନ୍ତି । ପାଖାପାଖି ୬ ହଜାର ଲୋକଙ୍କ ସେବା ପାଇଁ ଜଣେ ଡାକ୍ତର କାର୍ଯ୍ୟ କରୁଥିବା ଜଣାପଡ଼ୁଛି । ଅପରପକ୍ଷେ ନିରାମୟରେ ମଧ୍ୟ ଆବଶ୍ୟକ ଔଷଧ ମିଳୁନାହିଁ । ବିଶେଷ କରି ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ସାମାନ୍ୟ ରୋଗ ପାଇଁ ମଧ୍ୟ ଔଷଧ ମିଳୁନଥିବା ଅଭିଯୋଗ ହୋଇଛି । ସେହିପରି ପିପିପି ମୋଡରେ ହେଉଥିବା ପରୀକ୍ଷାନିରୀକ୍ଷା ଉପରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣ ରହୁନାହିଁ । ତେଣୁ ପରୀକ୍ଷାରେ ଅଯଥା ବିଳମ୍ବ ଘଟୁଥିବାରୁ ଠିକଣା ସମୟରେ ଡାକ୍ତରଙ୍କ ପରାମର୍ଶ ନିଆଯାଇ ପାରୁନାହିଁ । ସେହିପରି ଆୟୁଷ ଚିକିତ୍ସା ସେବା ସ୍ଥିତି ଅତ୍ୟନ୍ତ ଦୟନୀୟ । ନାହିଁ ନାହିଁରେ ଚାଲିଛି ଏହି ସେବା। ଏହାସହ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂଆ ନୂଆ ପ୍ରକଳ୍ପ କରାଯାଉଥିବାବେଳେ ତାହା ଏବେ ଅଟକି ରହିଛି। ଦିନକୁ ଦିନ ନୂଆ ରୋଗ ଚିହ୍ନଟ ହେଉଥିବାବେଳେ ପୂର୍ବ ଅପେକ୍ଷା ଏବେ ରୋଗୀ ସଂଖ୍ୟା ବୃଦ୍ଧି ପାଇଛି । ହେଲେ ସେହି ଅନୁସାରେ ନୂଆ ନିଯୁକ୍ତି ମିଳୁ ନାହିଁ କି ଅବସର ପରେ ବି ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେଉନାହିଁ । ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁସାରେ ୧୫,୭୭୪ ଡାକ୍ତର ପଦ ରହିଥିବାବେଳେ ୭୭୬୫ କାର୍ଯ୍ୟ କରୁଛନ୍ତି। ଫାଙ୍କା ଥିବା ୮୦୦୦ରୁ ଅଧିକ ପଦ ପରିପ୍ରେକ୍ଷୀରେ ୫୨୦୦ ଡାକ୍ତର ନିଯୁକ୍ତି ପାଇଁ ସରକାର ପଦକ୍ଷେପ ନେଇଛନ୍ତି କିନ୍ତୁ ସଂରକ୍ଷଣ ବର୍ଗ କଣ୍ଟା ସାଜିଛି । ଏଥିରେ ୪ ହଜାରରୁ ଅଧିକ ଅନୁସୂଚିତ ଜାତି ଓ ଜନଜାତି ବର୍ଗର । ଏହି ବର୍ଗରେ କମ୍ ସଂଖ୍ୟାରେ ଡାକ୍ତର ଥିବାବେଳେ ପଦ ଅଧିକ ରହିଛି, କିନ୍ତୁ ସାଧାରଣ ଏବଂ ଓବିସି ବର୍ଗରେ ଅଧିକ ଡାକ୍ତର ଥିବାବେଳେ ପଦ କମ୍ ରହିଛି । ଯାହାକୁ ନେଇ ଡାକ୍ତର ପଦ ପୂରଣ ହେବା ଆଶଙ୍କା ଦେଖାଦେଇଛି । ସେହିପରି ଫାର୍ମାସିଷ୍ଟଙ୍କ କ୍ଷେତ୍ରରେ ମଧ୍ୟ ସମାନ୍ ସ୍ଥିତି ଉପୁଜିଛି । ପୂର୍ବରୁ ୩୪୯୦ ମୂଳ ପଦ ରହିଥିବାବେଳେ କ୍ୟାଡର ପୁନର୍ଗଠନ କରି ସଂଖ୍ୟା ୫୦୦୯କୁ ବୃଦ୍ଧି ପାଇଛି । ହେଲେ ଏବେ ସଂଖ୍ୟା ରହିଛି ୨୪୯୬ । ସେହିପରି ୧୭୨୨ ନର୍ସିଂ ଅଫିସର, ୧୦୮ ରେଡିଓଗ୍ରାଫର ପଦ ଖାଲି ରହିଥିବା ଜଣାପଡ଼ିଛି । ଏବେ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ଧାରଣା ଦେଇଥିବାବେଳେ ଏବେ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନା ଭୁଶୁଡି ପଡ଼ିଛି । ଅନେକ ନିର୍ଦ୍ଦେଶାଳୟରେ ନିର୍ଦ୍ଦେଶକ ପଦ ଫାଙ୍କା ରହିଥିବାବେଳେ ବହୁ ଅଧିକାରୀଙ୍କୁ ଯୁଗ୍ମ ଦାୟିତ୍ୱ ଦିଆଯାଇଛି । ଦୁଇ ଦୁଇଟି ଦାୟିତ୍ୱ ତୁଲାଇବା ଯୋଗୁଁ କୌଣସି ଗୋଟିଏ କାମ ମଧ୍ୟ ସଠିକ୍ ଢଙ୍ଗରେ ହୋଇପାରୁ ନାହିଁ । ସ୍ଥାୟୀ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ନଥିବାବେଳେ ଏବେ ୪ରୁ ଅଧିକ ନିର୍ଦ୍ଦେଶାଳୟରେ ସ୍ଥାୟୀ ନିର୍ଦ୍ଦେଶକ ନାହାନ୍ତି । ସେହିପରି କେନ୍ଦ୍ରାପଡ଼ା, ବାଲେଶ୍ୱର, ବରଗଡ଼, ବୌଦ୍ଧ, ଢେଙ୍କାନାଳ, ଯାଜପୁର ଏବଂ ଜଗତସିଂହପୁର ଜିଲ୍ଲାରେ ସ୍ଥାୟୀ ସିଡିଏମ୍‌ଓ ନାହାନ୍ତି । ଏହାସହିତ ୩୦ରୁ ଅଧିକ ଡିଏମ୍‌ଓ ପଦ ସହିତ ସ୍ୱତନ୍ତ୍ର ସଚିବ ପଦ ଫାଙ୍କା ରହିଛି । ଭେଷଜ ନିର୍ଦ୍ଦେଶାଳୟରେ ଭେଷଜ ନିରୀକ୍ଷକ ନଥିବାବେଳେ ନୂଆ ନିଯୁକ୍ତି ହୋଇପାରୁନାହିଁ । ବହୁ ଭେଷଜ ମହାବିଦ୍ୟାଳୟରେ ପ୍ରଫେସର ମଧ୍ୟ ନାହାନ୍ତି । ସାମଗ୍ରିକ ଭାବେ ସ୍ୱାସ୍ଥ୍ୟ ବିଭାଗକୁ ସରକାର ଉପେକ୍ଷା କରୁଥିବା ଜଣାପଡ଼ିଛି । ଏହାଦ୍ୱାରା ସିଧାସଳଖ ରୋଗୀ ପ୍ରଭାବିତ ହେବା ସହିତ ଘରୋଇ ହସ୍ପିଟାଲ୍ ଯିବାକୁ ବାଧ୍ୟ ହେଉଛନ୍ତି । ଏନେଇ ଓମ୍‌ସା ସଭାପତି ଡା. କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି ସରକାର ସ୍ୱାସ୍ଥ୍ୟ ବିଭାଗ ପ୍ରତି ଉଦାସୀନ ଅଛନ୍ତି । ବିଭାଗରେ ୧୨ ନିର୍ଦ୍ଦେଶାଳୟ କାମ କରୁଥିବାବେଳେ ସବୁଠି ମାନବସମ୍ବଳ ଅଭାବ ରହିଛି । ସ୍ୱାସ୍ଥ୍ୟସେବାରେ ସରକାର ବଦଳି ନୀତିକୁ ଠିକ୍ ଢଙ୍ଗରେ ପାଳନ କରୁନାହାନ୍ତି ।

# ଧର୍ମପରାୟଣ ମହିଳାଙ୍କ ପରଲୋକ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୁରୁଣା ଭୁବନେଶ୍ୱରର ଜଣାଶୁଣା ଧର୍ମପରାୟଣ ମହିଳା ତଥା ଡ଼ ଦେବାଶିଷ ମହାପାତ୍ରଙ୍କ ମା' ଗିରିବାଳା ମହାପାତ୍ର ((୮୨)ଙ୍କ ବୁଧବାର ଭୋରୁ ତାଙ୍କ କୈବର୍ତ୍ତ ସାହି ବିଜୟ ଭବନ ବାସଭବନରେ ପରଲୋକ ଘଟିଛି। ସେ କିଛି ଦିନ ହେଲା ଅସୁସ୍ଥଥିଲେ। ତାଙ୍କ ପରଲୋକ ଖବର ପାଇ ପୂର୍ବତନ ପ୍ରଶାସକ ରଘୁନାଥ ମିଶ୍ର, ସାମ୍ବାଦିକ ଧୃତିକାମ ମହାନ୍ତି, ଶତ୍ରୁଜିତ୍ ଅପୁର୍ବ ମହାନ୍ତି, ପ୍ରଣବ ଦାସ, ସାହିତ୍ୟିକ ରମେଶ ଚନ୍ଦ୍ର ପାଣି ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଦର୍ଶନ କରିବା ସହ ତାଙ୍କ ଅମର ଆତ୍ମା ପାଇଁ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ମୃତ୍ୟୁ ବେଳକୁ ବଡ଼ ପୁଅ ଦିପ୍ତି, ଦେବାଶିଷ, ଆଶିଷ ନାତିନାତୁଣୀ ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ବସ୍‌ରେ ଅଗ୍ନିକାଣ୍ଡ:ଅଳ୍ପକେ ବର୍ତ୍ତିଲେ ୬୦ ତୀର୍ଥଯାତ୍ରୀ

**ପୁରୀ, ନ୍ୟୁଜ୍ ବ୍ୟୁରୋ**


ପୁରୀ ମାଳତୀପାଟପୁର ବସ୍ ଟର୍ମିନାଲ୍ ନିକଟରେ ମଙ୍ଗଳବାର ଗୋଟିଏ ତୀର୍ଥଯାତ୍ରୀ ବସ୍ ଜଳିଯାଇଛି । ତେବେ ବସ୍‌ର ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବସ୍ ଭିତରେ ଷ୍ଟୋଭ୍ ଲଗାଇ ଦୁଇ ବସ୍ କର୍ମଚାରୀ ରୋଷେଇ କରୁଥିବାବେଳେ ଏଥିରୁ ନିଆଁ ଉଠିଥିବା ଜଣାପଡିଛି । ତେବେ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ବସ୍ ଟର୍ମିନାଲ୍ ଭିତରେ ଥିବା ପ୍ରାୟ ୫୦ଟି ବସ୍ ବଡ଼ଧରଣର କ୍ଷୟକ୍ଷତିରୁ ବର୍ତ୍ତି ଯାଇଛି । ୬୦ ଜଣ ଯାତ୍ରୀଙ୍କୁ ନେଇ ଏହି ବସ୍ ପଶ୍ଚିମବଙ୍ଗରୁ ପୁରୀ ପହଞ୍ଚିବା ପରେ ଟର୍ମିନାଲ୍ ଭିତରେ ରହିଥିଲା। ସେଥିରେ ଆସିଥିବା ବଙ୍ଗୀୟ ଯାତ୍ରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ବସ୍ ଭିତରେ ଷ୍ଟୋଭ୍ ଲଗାଇ ଦୁଇଜଣ ବସ୍ କର୍ମଚାରୀ ରୋଷେଇ କରୁଥିଲେ। ସେଥିରୁ ହଠାତ୍ ନିଆଁ ଲାଗିଥିଲା । ଏହାଦେଖି ଚାଳକ ତତ୍‌କ୍ଷଣାତ୍ ବସ୍‌କୁ ଟର୍ମିନାଲ୍ ବାହାରକୁ ନେଇ ରାଜପଥ ପାର୍ଶ୍ୱରେ ରଖିଥିଲେ । ଚାହୁଁ ଚାହୁଁ ବସ୍ ହୁ ହୁ ହୋଇ ଜଳିବାକୁ ଲାଗିଥିଲା । ବସ୍‌ରେ ଥିବା ପେଟ୍ରୋଲ୍ ଟାଙ୍କିରେ ନିଆଁ ଲାଗିବାରୁ ତାହା ଜୋର୍‌ରେ ଫୁଟିଥିଲା। ପ୍ରଚଣ୍ଡ ଶବ୍ଦରେ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ସ୍ଥାନୀୟ ଅଧିବାସୀ କଞ୍ଚି ନଦୀରୁ ପାଣି ନେଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ । ଖବର ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ସେଠାରେ ପହଞ୍ଚି ନିଆଁ ଲିଭାଇଥିଲେ । ଅଗ୍ନିକାଣ୍ଡରେ ବସ୍‌ର ପ୍ରାୟ ୮୦% ଜଳି ଯାଇଛି ।

# ସଡ଼କ ଦୁର୍ଘଟଣାରେ ସହକାରୀ ଜିଲ୍ଲାପାଳ ଗୁରୁତର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

କୁଆଖିଆ ଥାନା ଅନ୍ତର୍ଗତ ମୂଳାପାଳ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଖୋର୍ଦ୍ଧା ଜିଲ୍ଲା ସହକାରୀ ଜିଲ୍ଲାପାଳ ଅଶ୍ୱିନୀ କୁମାର ନାୟକ ଗୁରୁତର ଭାବେ ଆହତ ହୋଇଛନ୍ତି। ପୂର୍ବାହ୍ନରେ ଶ୍ରୀ ନାୟକ ଭୁବନେଶ୍ୱରରୁ ଏକ ଇନୋଭା ଗାଡ଼ିରେ ବାଲେଶ୍ୱର ଯାଇଥିବାବେଳେ ୧୬ନଂ ଜାତୀୟ ରାଜପଥର ମୂଳାପାଳ ଛକ ନିକଟରେ ତାଙ୍କ କାର୍‌କୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଦୁର୍ଘଟଣାରେ ସହକାରୀ ଜିଲ୍ଲାପାଳ ଗୁରୁତର ଭାବେ ଆହତ ହୋଇଥିଲା ବେଳେ ଡ୍ରାଇଭର ମଧ୍ୟ ଆହତ ହୋଇଛି। ସ୍ଥାନୀୟ ଲୋକେ ତୁରନ୍ତ ସେମାନଙ୍କୁ ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ଶ୍ରୀ ନାୟକଙ୍କୁ ଭୁବନେଶ୍ୱର ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି। ଆହତ ଡ୍ରାଇଭର ମଧ୍ୟ ଚିକିତ୍ସିତ ହେଉଛନ୍ତି। ସହକାରୀ ଜିଲ୍ଲାପାଳ ଶ୍ରୀ ନାୟକ ଗେଲ୍ ଇଣ୍ଡିଆର କାର୍ଯ୍ୟ ତଦାରଖ ପାଇଁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୪ / ଶୁକ୍ର | ୨ | ଶନି/ରାହୁ/ବୁଧ/ରବି / ୧୨ |
| ୫ ମଙ୍ଗ | ୧୧ / ୫ | ୧୧ |
| ୬ ଚନ୍ଦ୍ର / ୭ କେତୁ | ୮ | ୧୦ / ୯ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୦।୪।୨୦୨୫, ଚୈତ୍ର ଦି୨୮ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୩୩।୫୦** **ଚନ୍ଦ୍ରୋଦୟ- ଦିଘ ୩।୫୯।୫୬**

**ତ୍ରୟୋଦଶୀ-** ରାଘ ୧।୦୧ ପର୍ଯ୍ୟନ୍ତ । **ପୂର୍ବାଫାଲ୍‌ଗୁନି ନକ୍ଷତ୍ର-** ଦିଘ ୧୨।୨୫ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ସଂଘ ୭।୦୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ସଂଘ ୭।୦୪ ଗତେ ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । ସଂଘ ୭।୦୪ ଗତେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୧।୦୧ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୭ ଗତେ ଦିଘ ୭।୧୫ ମଧ୍ୟେ । ଦିଘ ୧୦।୩୨ ଗତେ ଘ ୧।୦୨ ମଧ୍ୟେ । **ପର୍ବୋତ୍ସବ-** ଅନଙ୍ଗତ୍ରୟୋଦଶୀ, ହନୁମଦ୍ ଜନ୍ମ ।

**ମେଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ବିବାଦୀୟ କ୍ଷେତ୍ରରେ ବିଜୟୀ ହାସଲ କରିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ପିଲାମାନେ ପଢ଼ାପଢ଼ିରେ ଆଗେଇ ଚାଲିବେ ।

**ବୃଷ:** ଶରୀର ସୁସ୍ଥ ରହିବ । ଶତ୍ରୁନାଶ କରିପାରନ୍ତି । ରୋଜଗାର ଭଲ ହେବ। ପାରିବାରିକ ସମସ୍ୟାର ସମାଧାନ ହେବ । ବ୍ୟସାୟରେ ଲାଭବାନ୍ ହେବେ । ପରୋପକାରୀ ହେବେ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବ ।

**ମିଥୁନ:** ପରିବାରରେ ଚିନ୍ତା ଦେଖାଦେବ । ବ୍ୟବସାୟ କ୍ଷତିରେ ଚାଲିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ। ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ ।

**କର୍କଟ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ । ଆୟ ଓ ବ୍ୟୟ ସ୍ଥିର ରହିବ । ଘରେ କଳହ ବିଶୃଙ୍ଖଳା ଦେଖାଦେଇପାରେ ।

**ସିଂହ:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।

**କନ୍ୟା:** ସମସ୍ତ କାର୍ଯ୍ୟରେ ବିଜୟୀ ହେବେ । ନୂତନ କାର୍ଯ୍ୟ ହାତକୁ ଆସିପାରେ । ବ୍ୟୟ ଯୋଗ ରହିଛି । ମହିଳାମାନେ ସୁଖୀ ହେବେ । ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ । ଘରେ ସୁଖ ଶାନ୍ତି ଲାଭ ହେବ ।

**ତୁଳା:** ବ୍ୟବସାୟରେ ଲାଭବାନ୍ ହେବେ । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରି ଉପକୃତ ହେବେ । ରୋଜଗାର ଭଲ ହେବ । ଘରେ ଶାନ୍ତିର ବାତାବରଣ ରହିବ । ନୂତନ ଦ୍ରବ୍ୟ କ୍ରୟ କରିବାର ସୁଯୋଗ ଜୁଟିପାରେ ।

**ବିଛା:** ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିପାରନ୍ତି । ଦେବ ଦର୍ଶନ ମଧ୍ୟ କରିପାରନ୍ତି । ଆୟ ମଧ୍ୟମ ଧରଣର ହେବ । ମହିଳାମାନେ ହତୋତ୍ସାହିତ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।

**ଧନୁ:** ସାମାଜିକ ସ୍ତରରେ ସମ୍ମାନିତ ହେବେ । ଶରୀର ସୁସ୍ଥ ରହିବ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ରୋଜଗାର ସ୍ଥିର ରହିବ । ଘରେ ଆନନ୍ଦ ଲାଭ ହେବ । ମହିଳାମାନେ ସୁଖୀ ହେବେ।

**ମକର:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବ ନାହିଁ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନୀତ ହେବନାହିଁ । ଖର୍ଚ୍ଚର ପରିମାଣ ଅଧିକ ହେବ । ପାରିବାରିକ ଅଶାନ୍ତି ଦେଖାଦେବାର ସୂଚନା ।

**କୁମ୍ଭ:** ସହକର୍ମୀଙ୍କ ବିରୋଧତା ବଢ଼ିପାରେ। ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଦେଖାଦେବ ନାହିଁ । ଘରେ ଦ୍ୱନ୍ଦ୍ୱ ଦେଖାଦେବ । ମହିଳାମାନେ ଗର୍ବୀ ହେବେ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ମନ ଅସ୍ଥିର ରହିବ ।

**ମୀନ:** ଦୁଃସାଧ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୧।୪।୨୦୨୫, ଚୈତ୍ର ଦି୨୯ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୩୩।୦୧** **ଚନ୍ଦ୍ରୋଦୟ- ଦିଘ ୪।୪୮।୧୨**

**ଚତୁର୍ଦ୍ଦଶୀ-** ରାଘ ୩।୨୨ ପର୍ଯ୍ୟନ୍ତ । **ଉତ୍ତରା ଫାଲ୍‌ଗୁନି-** ଦିଘ ୩।୧୦ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୩।୨୨ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୫ ଗତେ ଘ ୬।୨୫ ମଧ୍ୟେ । ଦିଘ ୧୨।୧୩ ଗତେ ଦିଘ ୨।୪୧ ମଧ୍ୟେ । **ପର୍ବୋତ୍ସବ-** ବିଷ୍ଣୁ ଦମନକ ଓ ଶିବ ଦମନକୋତ୍ସବ ।



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

ପୃଷ୍ଠା–୩

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

• ବର୍ଷ–୩୨ • ସଂଖ୍ୟା–୭୨ • ୧୦ ଅପ୍ରେଲ ୨୦୨୫, ଗୁରୁବାର • ଭୁବନେଶ୍ୱର • Vol -32 • Issue-72 • 10th April 2025, Thursday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଫ୍ରାନ୍ସଠାରୁ ୨୬ ରାଫେଲ୍-ଏମ୍ ବିମାନ କିଣିବ ଭାରତ

# ୬୩,୦୦୦ କୋଟିର ମେଗା ଡିଲ୍‌କୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ




**ନୂଆଦିଲ୍ଲୀ, ୯/୪**

ଫ୍ରାନ୍ସଠାରୁ ୨୬ ରାଫେଲ୍-ମରିନ୍ ଯୁଦ୍ଧ ବିମାନ କିଣିବ ଭାରତ । ୬୩ ହଜାର କୋଟି ଟଙ୍କାରେ ଏହି ବିମାନ କ୍ରୟ କରାଯିବ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ମାମଲା ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବିମାନ କିଣିବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି । ଏହି ବିମାନ ସ୍ୱଦେଶୀ ବିମାନବାହାକ ପୋତ ଆଇଏନ୍ଏସ୍ ବିକ୍ରାନ୍ତରେ ନିୟୋଜିତ କରାଯିବ । ରିପୋର୍ଟ ଅନୁସାରେ ୨୨ ସିଙ୍ଗଲ ସିଟ୍ ରାଫେଲ୍-ଏମ୍ ଜେଟ୍ ଓ ଚାରି ଡବଲ୍ ସିଟ୍ ଟ୍ରେନର ପ୍ଲେନ୍ ପାଇଁ ଦୁଇ ଦେଶର ସରକାରଙ୍କ ମଧ୍ୟରେ ଆଗାମୀ କିଛି ଦିନରେ ବୁଝାମଣା ଉପରେ ହସ୍ତାକ୍ଷର ହେବ । ଏଥିରେ ହତିଆର, ସିମୁଲେଟର, ଚାଳକ ଦଳର ଟ୍ରେନିଂ ଓ ପାଞ୍ଚ ବର୍ଷର ପ୍ରଦର୍ଶନ ଆଧାରିତ ଲଜିଷ୍ଟିକ୍ ସପୋର୍ଟ ସାମିଲ ରହିଛି । ରାଫେଲ୍ ମରିନ୍ ଏକ ଟ୍ୱିନ୍-ଇଞ୍ଜିନ, ଡେକ-ବେସ୍ଡ ଫାଇଟର ଜେଟ୍, ଯାହାକୁ ସାମୁଦ୍ରିକ ଅଭିଯାନ ପାଇଁ ସ୍ୱତନ୍ତ୍ର ରୂପେ ଡିଜାଇନ୍ କରାଯାଇଛି । ଫ୍ରାନ୍ସ ନୌସେନାର ଏହି ବିମାନକୁ ନିଜର ବିମାନବାହାକ ପୋତ 'ଚାର୍ଲ୍ସ ଡି ଗଲ୍'ରେ ବ୍ୟବହାର କରୁଛି । ୨୦୨୩ ଜୁଲାଇରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ହୋଇଥିବା ପ୍ରତିରକ୍ଷା ଅଧିଗ୍ରହଣ କାଉନସିଲ୍ (ଡିଏସି) ବୈଠକରେ ନୌସେନାର ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିଲେ । ଏହି ପ୍ରତିରକ୍ଷା ଚୁକ୍ତି କେବଳ ଜେଟ୍ ବିମାନର କିଣା ଯାଏ ସୀମିତ ନୁହେଁ । ଏହା ଅଧିନରେ ହତିଆର ପ୍ରଣାଳୀ, ସିମୁଲେଟର, ସ୍ପେୟର ପାର୍ଟ୍ସ, ଅନ୍ୟ ଜରୁରୀ ଉପକରଣ, କ୍ରିୟୁ ଟ୍ରେନିଂ ଓ ଲଜିଷ୍ଟିକ ସପୋର୍ଟ ମଧ୍ୟ ସାମିଲ ରହିବ । ଏହି ସବୁ ଫ୍ରାନ୍ସ ସରକାର ଯୋଗାଇବେ । ରାଫେଲ୍-ଏମ୍ ଜେଟ୍ କ୍ରୟକୁ ଭାରତୀୟ ନୌସେନାର ତତ୍କାଳ ଆବଶ୍ୟକତା ପୂରା କରିବା ପାଇଁ ଏକ ଅନ୍ତରୀଣ ବ୍ୟବସ୍ଥା ରୂପେ ଦେଖାଯାଉଛି । ଭାରତର ନିଜର ଟ୍ୱିନ୍-ଇଞ୍ଜିନ୍ ଡେକ୍ ବେସ୍ଡ ଫାଇଟ୍‌ର ବିକଶିତ କରିବା ପର୍ଯ୍ୟନ୍ତ ଏହି ବିମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ନୌସେନା ପାଇଁ ୨୬ ରାଫେଲ୍-ଏମ୍ ବିମାନ ଚୁକ୍ତି ଉପରେ ହସ୍ତାକ୍ଷରର ୩୭ରୁ ୬୫ ମାସ ମଧ୍ୟରେ ଡେଲିଭର କରାଯିବ । ଏକ ସୂତ୍ର ଅନୁସାରେ ନୂଆ ଇଣ୍ଟର-ଗଭର୍ମେଣ୍ଟ ବୁଝାମଣା ଭାରତୀୟ ବାୟୁସେନା କରିଥିବା ବୁଝାମଣା ପରି ରହିବ । ସମସ୍ତ ୨୬ ଜେଟ୍ ୨୦୩୦-୩୧ ସୁଦ୍ଧା ହସ୍ତାନ୍ତର କରାଯିବ । ନୌସେନା ପାଖରେ ବର୍ତ୍ତମାନ ୪୫ ମିଗ୍-୨୯କ ମଧ୍ୟରୁ କେବଳ ୪୦ ରହିଛି । ୨୦୦୯ରେ ରୁଷଠାରୁ ୨ ବିଲିୟନ ଡଲାରରେ ଏହାକୁ କିଣାଯାଇଥିଲା । ମିଗ୍-୨୯କ ଗତ କିଛି ବର୍ଷରେ ଖରାପ ସେବାକ୍ଷମତା ଓ ଅନ୍ୟ ସମସ୍ୟାର ସାମନା କରୁଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ *(ପୃଷ୍ଠା ୭ରେ)*

# ମନୋରଞ୍ଜନ ଆଜି ବିଶ୍ୱର ସବୁଠୁ ବଡ଼ ଉଦ୍ୟୋଗ ପାଲଟିଛି



**ନୂଆଦିଲ୍ଲୀ, ୯/୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀରେ ରାଇଜିଂ ଭାରତ ଶିଖର ସମ୍ମିଳନୀକୁ ସମ୍ବୋଧିତ କରି ୱେଭ୍ସ-୨୦୨୫ ଆୟୋଜନ ସମ୍ପର୍କରେ ସୂଚନା ଦେଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଆସନ୍ତା ମାସ ୧ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ବିଶ୍ୱ ଅଡିଓ ଭିଜୁଆଲ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ (ୱେଭ୍ସ) -୨୦୨୫ର ଭବ୍ୟ ଆୟୋଜନ କରାଯିବ । ଭବିଷ୍ୟତରେ ଏହି ସମ୍ମିଳନୀ କ୍ରମାଗତ ଭାବେ ଆୟୋଜନ କରିବା ପାଇଁ ଏକ ଦୀର୍ଘସୂତ୍ରୀ ବ୍ୟବସ୍ଥା କରାଯାଉଛି । ଶ୍ରୀ ମୋଦୀ କହିଛନ୍ତି, ମନୋରଞ୍ଜନ ଆଜି ବିଶ୍ୱର ସବୁଠୁ ବଡ଼ ଉଦ୍ୟୋଗ ପାଲଟିଛି । ଆଗାମୀ ଦିନରେ ଏହାର ଆହୁରି ଅଧିକ ବିସ୍ତାର ହେବ । ଏଭଳି ଏକ ସମୟରେ ଆମେ କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଏବଂ ପାଳନ କରିବା ଲାଗି ୱେଭ୍ସ -୨୦୨୫ ଆୟୋଜନ କରିବାକୁ ଯାଉଛୁ ।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଭାରତରେ ଚଳଚ୍ଚିତ୍ର, ପଡକାଷ୍ଟ, ଗେମିଂ, ସଙ୍ଗୀତ, ଏଆର ଏବଂ ଭିଆରର ବହୁତ ଉଜ୍ଜ୍ୱଳ ଏବଂ ସୃଜନଶୀଳ ଅର୍ଥବ୍ୟବସ୍ଥା ରହିଛି । ଆମେ କ୍ରିଏଟ୍ ଇନ ଇଣ୍ଡିଆର ମନ୍ତ୍ର ନେଇ ଏହାକୁ ସର୍ବୋଚ୍ଚ ସ୍ତରକୁ ନେଇଯିବା ପାଇଁ ଯୋଜନା କରିଛୁ । ୱେଭ୍ସ-୨୦୨୫ ଭାରତୀୟ କଳାକାରମାନଙ୍କୁ କଣ୍ଟେଣ୍ଟ ପ୍ରସ୍ତୁତ କରିବା ଏବଂ ଏହାକୁ ବିଶ୍ୱସ୍ତରରେ ପହଞ୍ଚାଇବା ଲାଗି ମଞ୍ଚ ଯୋଗାଇ ଦେବ । ଏଥିସହିତ କ୍ରିଏଟ୍ ଇନ୍ ଇଣ୍ଡିଆ ସାରା ବିଶ୍ୱର କଳାପ୍ରେମୀମାନଙ୍କୁ ଭାରତକୁ ଆସିବା ଲାଗି ସୁଯୋଗ ମଧ୍ୟ ପ୍ରଦାନ କରିବ । ୱେଭ୍ସ-୨୦୨୫କୁ ଅଧିକରୁ ଅଧିକ ମାତ୍ରାରେ ଲୋକପ୍ରିୟ କରାଇବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।

## ରାଜଧାନୀରୁ ୫୦ ଲକ୍ଷର ବ୍ରାଉନସୁଗାର ଜବତ

**ଭୁବନେଶ୍ୱର, ୯/୪**
**ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରେ ନିଶା ବେପାରୀମାନେ କାୟା ବିସ୍ତାର କରି ଚାଲିଛନ୍ତି । ସହରର ଗଳିକନ୍ଦିରେ ନିଶା ମାଫିଆମାନଙ୍କ ଦ୍ୱାରା କାରବାର ବଢିଚାଲିଛି । ତେବେ ଏମାନଙ୍କର ଉପରେ ମଧ୍ୟ କମିଶନରେଟ ପୁଲିସ ନଜର ରଖିଛି । କମିଶନରେଟ ପୁଲିସ ଇତି ମଧ୍ୟରେ ୨ ଡ୍ରଗ୍ସ ବେପାରୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱରର ସାହିଲ ମହମ୍ମଦ ଓ ଜାହାଙ୍ଗୀର ମହମ୍ମଦ । ପୁଲିସ କମିଶନରରେ ସୁରେଶ ଦେବଦତ୍ତ ସିଂହ କହିଛନ୍ତି, ଦୁଇ ଅଭିଯୁକ୍ତଙ୍କ ଠାରୁ ୫୧୫ ଗ୍ରାମ୍‌ର ବ୍ରାଉନ୍‌ସୁଗାରକୁ ଜବତ କରାଯାଇଛି । ସେମାନେ ଏହାକୁ କୌଣସି ସ୍ଥାନକୁ ଚାଲାଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ବେଳେ ଖବର ପାଇ ପୁଲିସ ଟିମ୍ ଅତର୍କିତ ଚଢଉ କରି ସେମାନଙ୍କୁ ଗିରଫ କରିଛନ୍ତି । ସେମାନଙ୍କର ଠାରୁ ଜବତ ହୋଇଥିବା ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ । କଟକ ଓ ଭୁବନେଶ୍ୱରକୁ ଆସୁଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କ ଉପରେ ନଜର ରଖାଯାଇଛି । ନିଶା ମାଫିଆଙ୍କ ପାଇଁ କମିସନରରେଟ ପୁଲିସ ଏବେ ଜିରୋଟଲରାନ୍ସ ନୀତି ଆପଣେଇଛି । ରାଜଧାନୀରେ ବଢୁଥିବା ଅପରାଧ ଏବଂ ଅପରାଧୀଙ୍କୁ ମୂଳପୋଛ କରିବା ପାଇଁ ଅଣ୍ଟା ଭିଡ଼ିଛି କମିଶନରେଟ ପୋଲିସ । ଦୀର୍ଘ ଦିନ ଧରି ରାଜଧାନୀରେ ଚାଲିଥିବା ନିଶା କାରବାର ଉପରେ ଚଢ଼ଉ ଜାରୀ ରଖିଛି ସ୍ପେଶିଆଲ କ୍ରାଇମ୍ ୟୁନିଟ ଏବଂ ଇନଫୋସିଟି ଥାନା । ମୁଖ୍ୟତଃ ବିଭିନ୍ନ ପାନ ଦୋକାନରେ ଚଢ଼ଉ ଚଳାଇଛି ।

# ପ୍ରଚଣ୍ଡ ଗ୍ରୀଷ୍ମ ତାତି ପାଇଁ କମିଲା ସ୍କୁଲ ସମୟ ସୀମା

**ଭୁବନେଶ୍ୱର, ୯/୪**
**ନ୍ୟୁଜ ବ୍ୟୁରୋ**

ଏବେ ଦିନକୁ ଦିନ ଗ୍ରୀଷ୍ମତାତିର ପ୍ରଭାବ ସବୁ ଆଡେ ଅନୁଭୂତ ହେଉଛି । ଦିନ ୧୦ଟା ବେଳକୁ ଗରମ ହାୱା ଯୋଗୁଁ ସାଧାରଣ ଲୋକେ ଘରୁ ବାହାରିବାକୁ ଚାହୁଁ ନାହାଁନ୍ତି । ସ୍କୁଲ ପିଲାମାନେ ଏଭଳି ସ୍ଥିତିରେ ଖରା ପ୍ରକୋପରୁ କିପରି ରକ୍ଷା ପାଇବେ ତାହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ସମସ୍ତ ସ୍କୁଲରେ ପିଲାମାନଙ୍କ ପାଇଁ ପାଠପଢ଼ା ସମୟକୁ ହ୍ରାସ କରାଯାଇଛି । ସେଥିପାଇଁ ଶିକ୍ଷକମାନେ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ଯାଏ ସ୍କୁଲରେ ରହି ପାଠ ପଢାଇବେ ବୋଲି ବ୍ୟବସ୍ଥା ହୋଇଛି । ଯାହା ପୂର୍ବରୁ ସାଢ଼େ ୧୨ଟା ଯାଏ ରହିଥିଲା ଏବଂ ଏଥିପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଚିଠି ମଧ୍ୟ ହୋଇଥିଲା । ତେବେ ଗ୍ରୀଷ୍ମତାପ ବୃଦ୍ଧିକୁ ଦୃଷ୍ଟିରେ ରଖି ଶିକ୍ଷକମାନେ ସ୍କୁଲ ସମୟ ସୀମା କମାଇବାକୁ ଦାବି କରିଥିଲେ । ଏହାକୁ ବିଚାର କରି ଶିକ୍ଷାଅଧିକାରୀଙ୍କ ପକ୍ଷରୁ ଶିକ୍ଷକଙ୍କ କାର୍ଯ୍ୟ



ସମୟକୁ ହ୍ରାସ କରାଯାଇଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସକାଳୁଆ ସ୍କୁଲ ଆରମ୍ଭ କରିଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ସମୟ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ଯାଏ କରାଯାଇଛି । ତେବେ ଖୋର୍ଦ୍ଧା ଜିଲ୍ଲା *(ପୃଷ୍ଠା ୭ରେ)*

# ହୋଟେଲରେ ନେତାଙ୍କ ବୈଠକକୁ ନବୀନଙ୍କ ନାପସନ୍ଦ

**ଭୁବନେଶ୍ୱର, ୯/୪**
**ନ୍ୟୁଜ ବ୍ୟୁରୋ**

ଦଳର ନେତାମାନେ ସମ୍ପ୍ରତି ବିଭିନ୍ନ ସ୍ଥାନରେ ହୋଟେଲମାନଙ୍କରେ କରୁଥିବା ବୈଠକକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ନାପସନ୍ଦ କରିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ବାହାରେ ହୋଟେଲମାନଙ୍କରେ ଦଳୀୟ ନେତାମାନେ ଆଲୋଚନା ବୈଠକ ନକରି ଶଙ୍ଖ ଭବନରେ ବୈଠକ କରିବା ଉଚିତ । ସେହିପରି ବୁଧବାର ନବୀନ ନିବାସ ଠାରେ ଦଳର କିଛି ବରିଷ୍ଠ ନେତା ତାଙ୍କୁ ଭେଟିବାକୁ ଯାଇଥିବା ବେଳେ ଶ୍ରୀ ପଟ୍ଟନାୟକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦଳରେ ଚାଲିଥିବା ଆଲୋଚନାକୁ ନେଇ ପ୍ରତିକ୍ରିୟା ଦେଇଛନ୍ତି ।

ସେ କହିଛନ୍ତି ଯେ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଦଳରୁ ବହୁ ପୂର୍ବରୁ ବହିଷ୍କୃତ ହୋଇସାରିଛନ୍ତି । ସେ ଦୃଷ୍ଟିରୁ ଦଳ ସହ ତାଙ୍କର କୌଣସି ସମ୍ପର୍କ ନାହିଁ । ତେଣୁ ସେ ଦଳ ସମ୍ପର୍କରେ କିଛି କହିବା ଅନୁଚିତ । ଚିଟ୍ ଫଣ୍ଡ ମାମଲାରେ ଶ୍ରୀ ତ୍ରିପାଠୀ ଜେଲ୍ ମଧ୍ୟ ଯାଇଛନ୍ତି । ତେଣୁ ବିଜେଡି ସମ୍ପର୍କରେ ତାଙ୍କ ବକ୍ତବ୍ୟର




କୌଣସି ମୂଲ୍ୟ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ସେହିପରି କାର୍ତ୍ତିକେୟନ ପାଣ୍ଡିଆନଙ୍କ ସମ୍ପର୍କରେ ହେଉଥିବା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ଶ୍ରୀ ପଟ୍ଟନାୟକ କହିଥିଲେ ୧୦ ମାସ ପୂର୍ବରୁ ସେ ଦଳରୁ ସନ୍ୟାସ ନେଇ ସାରିଛନ୍ତି । ଦଳୀୟ ବ୍ୟାପାରରେ ତାଙ୍କର କୌଣସି ଭୂମିକା ନାହିଁ । ହେଲେ ରାଜ୍ୟର ବିକାଶ ଏବଂ ଦଳର ଭଲ ପାଇଁ ସେ ଆଗରୁ ବହୁତ ଭଲ କାମ କରିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ତେବେ ରାଜ୍ୟସଭାରେ ୱାର୍କଫ୍ ବିଲ୍ ଉପରେ ଭୋଟିଂ ନେଇ ଶ୍ରୀ ପଟ୍ଟନାୟକ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି ।

# ଭାରତ-ସ୍ଲୋଭାକିଆରେ ମିଡିଆ, ମନୋରଞ୍ଜନ କ୍ଷେତ୍ରରେ ସହଯୋଗର ଅପାର ସମ୍ଭାବନା



**ନୂଆଦିଲ୍ଲୀ, ୦୯/୪**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଦିନ ସ୍ଲୋଭାକିୟା ଗସ୍ତ ସମୟରେ ସେଠାର ରାଷ୍ଟ୍ରପତି ପିଟର ପେଲେଗ୍ରୀନିଙ୍କ ସହିତ ବ୍ୟକ୍ତିଗତ ଏବଂ ପ୍ରତିନିଧିମଣ୍ଡଳ-ସ୍ତରୀୟ ବୈଠକରେ ଆଲୋଚନା କରିଛନ୍ତି । ଦୁଇଦିନିଆ ଗସ୍ତରେ ଥିବା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଦ୍ୱିପକ୍ଷୀୟ ସମ୍ବନ୍ଧର ବିଭିନ୍ନ ବିଷୟ ଏବଂ ବୈଶ୍ୱିକ ଏବଂ କ୍ଷେତ୍ରୀୟ ହିତ ବିଷୟ ଉପରେ ଆଲୋଚନା କରିଛନ୍ତି ।

ଏହି ସମୟରେ ରାଷ୍ଟ୍ରପତି ଭାରତରେ ଦୃତଭାବେ ବୃଦ୍ଧିପାଉଥିବା ମିଡିଆ, ମନୋରଞ୍ଜନ ଏବଂ ରଚନାତ୍ମକ ଅର୍ଥବ୍ୟବସ୍ଥା କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗର ଅପାର ସମ୍ଭାବନା ଉପରେ କହିଛନ୍ତି । ସେ ସ୍ଲୋଭାକିଆକୁ ୧ରୁ ୪ ମଇ ପର୍ଯ୍ୟନ୍ତ ମୁମ୍ବାଇରେ ଆୟୋଜିତ କରାଯାଉଥିବା ଆଗାମୀ ୱେଭ୍ ଶିଖର ସମ୍ମିଳନୀ-୨୦୨୫ରେ ସକ୍ରିୟ *(ପୃଷ୍ଠା ୭ରେ)*

# ମନୋଜ କୁମାର ପରିଡ଼ା ହେଲେ ନୂଆ ମୁଖ୍ୟ ସୂଚନା କମିଶନର

## ଆଉ ୩ଜଣ ସୂଚନା କମିଶନର ନିଯୁକ୍ତ

**ଭୁବନେଶ୍ୱର,୦୯/୦୪**
**ନ୍ୟୁଜ ବ୍ୟୁରୋ**

ଆଇଏଏସ୍ ଅଧିକାରୀ ମନୋଜ କୁମାର ପରିଡ଼ା ହେଲେ ନୂଆ ମୁଖ୍ୟ ସୂଚନା କମିଶନର । ଓଡ଼ିଶା ସରକାର ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ମନୋଜ କୁମାର ପରିଡ଼ାଙ୍କୁ ଓଡ଼ିଶା ସୂଚନା ଅଧିକାର (ଆରଟିଆଇ) ଆୟୋଗର ନୂତନ ମୁଖ୍ୟ ସୂଚନା କମିଶନର ଭାବେ ନିଯୁକ୍ତ କରିଛନ୍ତି । ମନୋଜ କୁମାର ଅରୁଣାଚଳ -ଗୋଆ-



କ୍ୟାଡରର ପୂର୍ବତନ ଅଧିକାରୀ । ତାଙ୍କ ସହିତ ଅନ୍ୟ ତିନିଜଣଙ୍କୁ ସୂଚନା କମିଶନର ଭାବେ ରାଜ୍ୟ ସରକାର *(ପୃଷ୍ଠା ୭ରେ)*

## ଆମେରିକା ଉତ୍ପାଦ ଉପରେ ୮୪% ଶୁଳ୍କ ଲଗାଇଲା ଚୀନ

**ନୂଆଦିଲ୍ଲୀ, ୯/୪**

ଆମେରିକା ଏବଂ ଚୀନ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ତୀବ୍ର ହେବାରେ ଲାଗିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ ଉତ୍ପାଦ ଉପରେ ୧୦୪% ଶୁଳ୍କ ଲାଗୁ କରିବା ପରେ ବୁଧବାର ଚୀନ ଆମେରିକା ଉପରେ ପାଲଟା ୮୪% ପ୍ରତିଶତ ଶୁଳ୍କ ଲଗାଇଛି । ଏଣିକି ଚୀନରେ ବିକ୍ରି ହେଉଥିବା ଆମେରିକୀୟ ଉତ୍ପାଦଗୁଡ଼ିକ ଉପରେ ଏହି ଟିକସ ଗୁରୁବାରଠାରୁ ଲାଗୁ ହେବ । ଦୁଇ ଦେଶ ମଧ୍ୟରେ ଲାଗି ରହିଥିବା ଏହି ବାଣିଜ୍ୟ ଯୁଦ୍ଧର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଏଠି ସେଠି ମେଳି କାହିଁ କର
ଅଛି ପରା ବଡ଼ ଘର
ଯିଏ ନାହାନ୍ତି ବହୁଦିନ ତଳୁ
ତାଙ୍କୁ ମିଛେ କାହିଁ ଧର
ସେ କାମ କରୁଥିଲେ ସରଗର
ଆହା ସେ କଥାରୁ ବୁଝା ପଡୁଅଛି
ସେ କେଡ଼େ ବଡ଼ ଯାଦୁଗର !!

# ଅପପୁଷ୍ଟିର ଅପବାଦରୁ ଏବେ ବି ମୁକୁଳୁନି ଓଡ଼ିଶା



**ଭୁବନେଶ୍ୱର, ୯/୪**
**ନ୍ୟୁଜ ବ୍ୟୁରୋ**

ଯୋଜନାର ପରିଧି ବଢୁଛି, ଅନୁଦାନ ପରିମାଣ ବି ବଢ଼ିଛି । କିନ୍ତୁ କମିପାରିନି ରାଜ୍ୟରେ ଅପପୁଷ୍ଟିର ଅପବାଦ । ଉପାନ୍ତରୁ ଉପକୂଳ, ସବୁଠି ଚିନ୍ତାଜନକ ସ୍ଥିତି । ମହିଳା ଓ ଶିଶୁ କଲ୍ୟାଣ ବିଭାଗର ତଥ୍ୟ ଦେଖିଲେ ମୁଣ୍ଡ ଘୂରିଯାଉଛି । ରାଜ୍ୟରେ ଏବେ ବି ୧୩ ହଜାର ୭୩୬ ଶିଶୁ ଅପପୁଷ୍ଟିର ଶିକାର । ରାଷ୍ଟ୍ରପତିଙ୍କ ଜିଲ୍ଲା ମୟୂରଭଞ୍ଜରେ ସର୍ବାଧିକ ୧୬୬୨ ଶିଶୁଙ୍କୁ ଗ୍ରାସ କରିଛି ଅପପୁଷ୍ଟି । ତା' ପଛକୁ ନବରଙ୍ଗପୁରରେ ୧୦୧୭ ଶିଶୁ ଅପପୁଷ୍ଟି କବଳରେ । ତୃତୀୟରେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝର । ଏଠାରେ ୯୦୧ ଶିଶୁ ଅପପୁଷ୍ଟିରେ ବନ୍ଧା ପଡ଼ିଛନ୍ତି । ଏମିତିକି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଗଞ୍ଜାମ ଜିଲ୍ଲାରେ ୬୪୧ ଶିଶୁ ଅପପୁଷ୍ଟିର ଶିକାର । ନବୀନଙ୍କ ଜିଲ୍ଲା ଗଞ୍ଜାମ ଗଲା ୪ବର୍ଷର ରେକର୍ଡକୁ କାଟି ୬୪୧ରେ ପହଞ୍ଚିଛି । ରାଜ୍ୟରେ ଗତ ୫ବର୍ଷରେ ୯୫,୪୪୩ ଶିଶୁ ଅପପୁଷ୍ଟିରେ ଆକ୍ରାନ୍ତ ହୋଇଛନ୍ତି । ଅପପୁଷ୍ଟିକୁ ନିୟନ୍ତ୍ରଣ ଲାଗି ପରିପୂରକ ପୁଷ୍ଟି ଯୋଜନାରେ ୬ ମାସରୁ ୬ବର୍ଷର ଶିଶୁଙ୍କୁ ବର୍ଷକୁ ୩୦୦ ଦିନ ଲାଗି ପୁଷ୍ଟିକର ଖାଦ୍ୟ ଦିଆଯାଉଛି । ୩ ବର୍ଷରୁ ୬ବର୍ଷର ଶିଶୁଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ସକାଳ ଜଳଖିଆ ସହ ଗରମ ରନ୍ଧାଖାଦ୍ୟ ଦିଆଯାଉଛି । ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ଅପପୁଷ୍ଟିରେ *(ପୃଷ୍ଠା ୭ରେ)*

## ଗୃହ ବିଭାଗରେ ୫ଶହରୁ ଉର୍ଦ୍ଧ୍ୱ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି





**ଭୁବନେଶ୍ୱର,୯।୪**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ନ୍ୟାୟ ବିଭାଗ ଅଧୀନରେ ଥିବା ଡାଇରେକ୍ଟୋରେଟ ଅଫ ପବ୍ଲିକ ପ୍ରୋସିକ୍ୟୁସନ (ଡିପିପି) ପାଇଁ ୨୬୭ଟି ନୂଆ ପଦବୀ ସୃଷ୍ଟି କରାଯାଇଛି । ଏନେଇ ବିଏନ୍ଏସ୍ଏସ୍ ଧାରା ୨୦ ଅନୁସାରେ ପଦବୀ ସୃଷ୍ଟି ନେଇ ଓଡ଼ିଶାର ଗୃହ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି । ଏହି ୨୬୭ଟି ପଦବୀ ମଧ୍ୟରେ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର, କ୍ଲର୍କ, ସ୍କିଲ୍ଡ ଷ୍ଟାଫ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ପଦ ସାମିଲ ରହିଛି । ଏହା ଦ୍ୱାରା ରାଜ୍ୟର ବିଭିନ୍ନ ଜିଲ୍ଲାରେ ପବ୍ଲିକ ପ୍ରୋସିକ୍ୟୁସନ ବିଭାଗର କାର୍ଯ୍ୟକ୍ଷମତା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଏହି ପଦବୀଗୁଡ଼ିକ ପୂରଣ ହେଲେ ମାମଲାର ଶୁଣାଣି ଓ ନ୍ୟାୟ ପ୍ରଦାନରେ ବିଳମ୍ବ *(ପୃଷ୍ଠା ୭ରେ)*

# ପିଲାଙ୍କ ମହାଭାରତ-୨୮

## ବାରୁଣାବତରେ ମୃତ୍ୟୁଯନ୍ତା-୧



ନିତ୍ୟାନନ୍ଦ ପଣ୍ଡା



ପାଣ୍ଡବ ପାଞ୍ଚଭାଇ ଓ ମାଆ କୁନ୍ତୀ ହସ୍ତିନାପୁର ଛାଡ଼ିବା ସମୟ ପହଞ୍ଚିଲା । ଛାଡ଼ିବା ପୂର୍ବରୁ ଯୁଧିଷ୍ଠିର ସାକ୍ଷାତ୍ କଲେ ବିଦୁରଙ୍କୁ । ସତ କହିବାକୁ ଗଲେ ଯୁଧିଷ୍ଠିର ବହୁତ ଖୁସିଥିଲେ । କାରଣ, ଭୀମଙ୍କର ଦୁର୍ଯ୍ୟୋଧନ ଓ ଦୁଃଶାସନ ସହ କଳିତକରାଳ ତାଙ୍କୁ ଭଲ ଲାଗୁନଥିଲା । ବେଶ୍ ଖୁସିରେ ଆମେ ବାରୁଣାବତରେ ରହିବୁ - ସେ ଭାବୁଥିଲେ ।

ବିଦୁର ବିଦାୟ ଦେବା ପୂର୍ବରୁ ଉପଦେଶ ଛଳରେ କେତୋଟି କଥା କହିଲେ ଯୁଧିଷ୍ଠିରଙ୍କୁ । କହିଲେ- "ମନେରଖିବ ଯୁଧିଷ୍ଠିର ! ଜଣେ ଚତୁର ଶତ୍ରୁ ଦାଉରୁ ରକ୍ଷା ପାଇବାକୁ ହେଲେ, ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଦରକାର । କୌଣସି କାର୍ଯ୍ୟ ପଛରେ ଥିବା କାରଣଟିକୁ ବିଜ୍ଞବ୍ୟକ୍ତି ବୁଝିପାରେ । ମନେକର, ଜଙ୍ଗଲରେ ନିଆଁ ଲାଗିଲା । ବାଘ ହାତୀ ପରି ବଡ଼ ବଡ଼ ଜନ୍ତୁ ପୋଡ଼ି ହୋଇ ମରିଯିବେ । କିନ୍ତୁ ମୂଷା ? ଝିଙ୍କ ପକ୍ଷୀ ? ସେମାନେ ମାଟିତଳେ ଗାତ ବା ସୁଡଙ୍ଗରେ ରହି ବଞ୍ଚିଯାଆନ୍ତି । ତୁମେ ଯାଅ । ବାରୁଣାବତରେ ତୁମର ସବୁ ଶୁଭ ହେଉ ।"

ବିଦୁରଙ୍କ କଥାରୁ ଅନେକ କିଛି ବୁଝିଲେ ଯୁଧିଷ୍ଠିର । ସେ ଜାଣିପାରିଲେ ବାରୁଣାବତରେ ତାଙ୍କୁ ଅପେକ୍ଷା କରିଚି ମହା ବିପଦ । ବିପଦର ଅର୍ଥ ବାରୁଣାବତରେ ମୃତ୍ୟୁ ଯନ୍ତା ବସିଚି । ଉପରକୁ ସେ ଖୁସି ଦିଶୁଥିଲେ, କିନ୍ତୁ ଭିତରେ ଅଜଣା ଭୟ ତାଙ୍କୁ ଦୋହଲେଇ ଦେଉଥିଲା ।

ବାରୁଣାବତକୁ ଯିବା ବାଟରେ ଯୁଧିଷ୍ଠିର ମାଆଙ୍କୁ କହିଲେ ବିଦୁରଙ୍କ ସତର୍କ ସୂଚନା ସଂପର୍କରେ । କୁନ୍ତୀ ଦେବୀ ଭାଙ୍ଗିପଡ଼ିଲେ । ଆଉ ଫେରି ହେବନାହିଁ - ସେ କହିଲେ ମାଆଙ୍କୁ । ପରିସ୍ଥିତିକୁ ସାମ୍ନା କରିବା- ସେ ମାଆଙ୍କୁ ବୁଝେଇଲେ । ସମୟ କ୍ରମେ ଅନ୍ୟ ଭାଇମାନେ ଜାଣିଲେ ।

ବାରୁଣାବତରେ ପହଞ୍ଚିଲେ ସେମାନେ । ସେଠାକାର ପ୍ରଜାମାନେ ବହୁ ସଂଖ୍ୟାରେ ସ୍ୱାଗତ ଜଣେଇଲେ ସେମାନଙ୍କୁ । ପର କେତୋଟି ଦିନ ସେମାନେ ଅନ୍ୟ ସ୍ଥାନରେ ରହିଲେ, କାରଣ ନୂଆ ପ୍ରାସାଦଟି ସମ୍ପୂର୍ଣ୍ଣ ହୋଇନଥିଲା ।

ନୂଆ ପ୍ରାସାଦଟିର ନାଁ ରଖାଯାଇଥିଲା 'ଶିବ' । ଅର୍ଥ ମଙ୍ଗଳମୟ । ଯେଉଁ ପ୍ରାସାଦଟି ଗୋଟିଏ ମୃତ୍ୟୁଯନ୍ତା ତା'ର ନାମ ଶିବ ! କି ଛଳନା !

ପରିଶେଷରେ, ମନ୍ତ୍ରୀ ପୁରୋଚନଙ୍କ ଗହଣରେ ପାଣ୍ଡବ ଭାଇ ଓ କୁନ୍ତୀ ନୂଆ ପ୍ରାସାଦକୁ ଉଠିଗଲେ । ବିଦୁରଙ୍କ ସୂଚନା ଅନୁସାରେ ଯୁଧିଷ୍ଠିର ପ୍ରାସାଦର କାନ୍ଥ ଚଟାଣ ପରୀକ୍ଷା କଲେ । ବିଦୁରଙ୍କ କଥା ସତ ପ୍ରମାଣିତ ହେଲା । ସେ ଭୀମଙ୍କୁ କହିଲେ- ଆମର ବ୍ୟବହାର ଓ ଚଳଣି ଇମିତି ହେବ ଯେପରି ଜଣାପଡ଼ିବ ନାହିଁ ଯେ ଆମେ ପୁରୋଚନଙ୍କୁ ସନ୍ଦେହ କରୁଛୁ । ପରେ ଠିକଣା ସମୟରେ ଲୁଚିକିନା ଆମେ ଏଠୁ ଖସିଯିବା । କେମିତି ଖସିଯିବେ ଅବଶ୍ୟ କାହାକୁ ଜଣାନଥିଲା ।

ସେମାନେ ବିନା ଶଙ୍କାରେ ସେ ପ୍ରାସାଦରେ ରହିଲେ ! ସାମାନ୍ୟ ସନ୍ଦେହ ହେଲା ଭଳି ବ୍ୟବହାର ଦେଖେଇଲେ ନାହିଁ । କିନ୍ତୁ ପୁରୋଚନ ଉପରେ ସତର୍କ ଦୃଷ୍ଟି ରଖିଲେ ।

ଇତିମଧ୍ୟରେ ଜଣେ ଲୋକ ଆସି ଗୋପନରେ ଭେଟିଲା ଯୁଧିଷ୍ଠିରଙ୍କୁ । କହିଲା, "ବିଦୁର ଓ ତୁମ ଭିତରେ ଯେଉଁ କଥା ହୋଇଥିଲା, ସେଥିପାଇଁ ମୁଁ ଆସିଛି । ହସ୍ତିନାପୁରରୁ । ସେଇଠୁ ସେ ଆସିବାର ଉଦ୍ଦେଶ୍ୟ କହିଲା ।

କଥା ହେଲା, ଲୋକଟି ମାଟି ଖୋଳି ଗୁପ୍ତ ସୁଡଙ୍ଗ ତିଆରି କରିବାରେ ଥିଲା ସିଦ୍ଧହସ୍ତ । ବେଶ୍ କେତେଦିନ ଲାଗି ସେ ସୁଡଙ୍ଗଟିଏ ତିଆରି କରିଦେଲା । ଗୁପ୍ତ ସୁଡଙ୍ଗଟି କାନ୍ଥତଳ ଦେଇ ପ୍ରାସାଦ ପରିସର ବାହାରେ ଜଙ୍ଗଲ ଭିତରକୁ ଲମ୍ବିଥିଲା । ସେ ସଂପର୍କରେ ପୁରୋଚନ ଜାଣିପାରିଲା ନାହିଁ । ପାଣ୍ଡବ ଭାଇମାନେ ଦିନବେଳା ଶିକାର ଉଦ୍ଦେଶ୍ୟରେ ଜଙ୍ଗଲକୁ ଯାଉଥିଲେ । ପ୍ରକୃତରେ ଶିକାର ମିଛ, ଜଙ୍ଗଲିଆ ପଥ ସହ ପରିଚିତ ହେବା ମୁଖ୍ୟ ଉଦ୍ଦେଶ୍ୟ । ଆଉ ରାତିରେ ପାଳିକରି ସେମାନେ ଜଗୁଥିଲେ ପ୍ରାସାଦକୁ । ଏ ସମସ୍ତ କାର୍ଯ୍ୟ ଏତେ ସତର୍କତା ସହ କରାଯାଉଥିଲା ଯେ ପୁରୋଚନ ଟେର୍ ପାଇଲାନାହିଁ ।

ପ୍ରାସାଦର ଫାଟକ ପାଖରେ ପୁରୋଚନର କୋଠା । ସେ ଭାବୁଥିଲା, ସେ ଇତିମଧ୍ୟରେ ଏକବର୍ଷ ରହିଲାଣି । କିନ୍ତୁ ସୁଯୋଗ ପାଇନି । ଏଥର କାମ ସାରିବାକୁ ପଡ଼ିବ ।

ଗୋଟେ ରାତିରେ - କୁନ୍ତୀ ଦେବୀ ପ୍ରାସାଦର କର୍ମଚାରୀଙ୍କ ପାଇଁ ଭୁରି ଭୋଜନ ବ୍ୟବସ୍ଥା କଲେ । ପୁରୋଚନଙ୍କ ସମେତ ସମସ୍ତ କର୍ମଚାରୀ ପେଟେ ପେଟେ ଖାଇ ଗଭୀର ନିଦରେ ଶୋଇପଡ଼ିଲେ । ରାତି ଅଧ । ଭୀମ ପ୍ରାସାଦର ବିଭିନ୍ନ ସ୍ଥାନରେ ନିଆଁ ଲଗେଇଦେଲେ । ଏବଂ ମାଆ ଓ ଅନ୍ୟ ଭାଇମାନଙ୍କୁ ଧରି ସୁଡ଼ଙ୍ଗ ପଥ ଦେଇ ବାହାରିଗଲେ । ଖୁବ୍‌ଶୀଘ୍ର ଗୋଟାପଣ ପ୍ରାସାଦଟି ଜଳିଉଠିଲା । ଫାଟକ ପାଖରେ ପୁରୋଚନର କୋଠାଟି ମଧ୍ୟ ଜଳିଗଲା ।

ବାସ୍ ! ପାଉଁଶ ଗଦାଟିଏରେ ପରିଣତ ହେଲା ପ୍ରାସାଦଟି ।

(କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୭୯୩୩୦୮*

# ବିଷୁବ ସଂକ୍ରାନ୍ତି

*କୀର୍ତ୍ତନ ସାହୁ*



ବିଷୁବ ସଂକ୍ରାନ୍ତି ବେଳା ଆସି ଅଛି ଏବେ
ହୋଇବାରେ ଆମେ ସବୁ ଏକଜୁଟ ତେବେ ।
ବୈଶାଖ ମାସର ପ୍ରଥମ ଦିନରେ ପରା
ନୂଆ ବର୍ଷ ଭାବେ ହସି ଉଠେ ଏଇ ଧରା ।

ପଣା ରଖି ଆମେ ବସୁନ୍ଧରା ଠେକି ନେଉ
ତୁଳସୀ ଉପରେ ସଜାଡ଼ିକି ଟାଙ୍ଗି ଦେଉ ।
ଠେକି କଣା ଦେଇ ପାଣି ଧୀରେ ଧୀରେ ଝରେ
ଖରା ଦିନେ ମାଆ ତୁଳସୀ ହୃଦୟ ଭରେ ।

ନଡ଼ିଆ କଦଳୀ ବେଲ ଛେନା ଆଦି ନେଇ
ପଣା ହୋଇଥାଏ ଅଦା ଗୁଜୁରାତି ଦେଇ ।
ଏହି ଦିନ ଠାରୁ ଖରାର ପ୍ରଭାବ ବଢେ
ପଣା ପିଇବାକୁ ମନଟି ଆମର ଜଡେ ।

ଛତୁଆ ଖାଇକି ମନ ଭାରି ଖୁସି ଥାଏ
ଖୁସିରେ ଖୁସିରେ ଦିନଟି ଭଲରେ ଯାଏ ।
ଖରାର ପ୍ରଭାବ ବଢ଼ିବାକୁ ଲାଗେ ଯେଣୁ
ସତର୍କ ରହିକି ଚଳିବାକୁ ପଡେ ତେଣୁ ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

# ପଣାସଂକ୍ରାନ୍ତି



*ନିରଞ୍ଜନ ସାହୁ*

ପଣା ସଙ୍କରାନ୍ତି ତିଥି ଆସିଗଲା
ବୈଶାଖ ଆରମ୍ଭ ହେବ
ବିଷୁବ ରେଖାରେ ସୂର୍ଯ୍ୟ ଅବସ୍ଥିତି
ଏହା ନ ପାଶୋରି ଦେବ ।
ମେଷ ସଙ୍କରାନ୍ତି ଏହାର ନାମ ଯେ
ଓଡ଼ିଆଙ୍କ ନୂଆବର୍ଷ
ଓଡ଼ିଆମାନେ ତ ପାଳନ କରନ୍ତି
ମନରେ ବହନ୍ତି ହର୍ଷ ।
ଚଉଁରା ଉପରେ ଜାମୁଡାଳ ଆଣି
ଛାମୁଣ୍ଡିଆଟିଏ କର
ବସୁନ୍ଧରା ଠେକି ଓହଳାଇ ଦେଇ
ତା ମଧ୍ୟରେ ଜଳ ଭର ।
ଛତୁଆ ଓ ପଣା ଭୋଗ ଲାଗିକର
ଦିଅଁ ଦେବତାଙ୍କ ପାଶେ
ମାନସିକ କର ନୂତନ ବରଷେ
ସୁଖ ସୌଭାଗ୍ୟଟି ଆସେ ।
ଝାମୁଯାତ୍ରା ହୁଏ ଠାକୁରାଣୀ ପୀଠେ
ନିଆଁରେ କାଳିସୀ ଚାଲେ
ହନୁମାନଙ୍କର ଜୟନ୍ତୀ ପାଳନ
ରାମାନନ୍ଦୀ ଚିତା ଭାଲେ ।
ଆଜିଠାରୁ ଜଳଛତ୍ର ଖୋଲିଦିଅ
ମହାପୂଣ୍ୟ ଜଳଦାନ
ଏହି ଦିନ ଠାରୁ ପଞ୍ଜିକା ଚଳିବ
ଶୁଣିଥା ଖୋଲିକି କାନ ।
ପଣା ସଙ୍କରାନ୍ତି ଠାରୁ ଗ୍ରୀଷ୍ମଋତୁ
ଆରମ୍ଭ ହୋଇବ ପରା
ଏଣିକି ଖରାର ପ୍ରକୋପ ବଢ଼ିବ
ଉତ୍ତପ୍ତ ହୋଇବ ଧରା ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# କହିଲ ଦେଖି

*ପ୍ରଶାନ୍ତ କୁମାର ନାଥ*

୧)ଆସିଯାଏ ଯେବେ ବୈଶାଖମାସ
ପ୍ରତି ଓଡ଼ିଆଙ୍କ ମନ ହରସ
ବଦଳେ କ୍ୟାଲେଣ୍ଡର ପାଞ୍ଜି ବଦଳେ
ନୂଆ ପଞ୍ଜିକାଟି ଏ ଦିନୁ ଚଳେ
ଧରାକୁ ଆସଇ ନୂତନ ହୋଇ
କିଏସେ ପାରିବ ମୋ ନାମ କହି ?

୨)ବେଲ କଦଳୀକୁ ଛେନା ନଡିଆ
ପିଉଥିଲେ ତାକୁ ଲାଗେ ବଢିଆ
ବୈଶାଖ ମାସର ପ୍ରଥମ ଦିନ
ବହୁତ ପ୍ରସିଦ୍ଧ ତାହାରି ନାମ
ପିଇଦେଲେ ତାକୁ ପେଟଟି ଶାନ୍ତି
ଶରୀରରୁ ଦୂର ହୁଅଇ କ୍ଳାନ୍ତି
ଭାରି ସୁଆଦିଆ ପାନୀୟଟିଏ
ନାମଟି ତାହାର କହିବ କିଏ ?

୩)ମା'ଙ୍କ ଘଟକୁ ଧରିମୁଣ୍ଡରେ
ଚାଲୁଥାନ୍ତି ସିଏ ଗାଁ ଦାଣ୍ଡରେ
ହେଉଥାଉ ଯେତେ ପ୍ରଖରଖରା
ଖାଲି ପାଦରେ ସିଏ ଚାଲନ୍ତି ପରା
ଦେବୀଙ୍କ ଅଖଣ୍ଡ ବିଶ୍ୱାସ ନେଇ
ସମର୍ପଣ କରନ୍ତି ତାଙ୍କରି ପାଇଁ
ଚୈତ୍ର ମାସରୁ ତାହା ଆରମ୍ଭ ହୋଇ
ପଣା ସଂକ୍ରାନ୍ତିରେ ଶେଷ ହୁଅଇ
ଘଣ୍ଟ ବଜେଇ ବୁଲନ୍ତି ସିଏ
ନାମଟି ତାଙ୍କର କହିବ କିଏ ?

୪)ଚଉଁରା ଉପରେ ପାଏ ସେ ଶୋଭା
ସତେ ସଜାଉଛି ତୁଳସୀ ଗଭା
ମାଟିରେ ତିଆରି ଠେକିଟେ ସିଏ
ତଳପଟେ ତାର କଣାଟେ ରୁହେ
ସେ ଠେକି ଭିତରେ ଦିଅନ୍ତି ପଣା
ଚଉଁରାକୁ ଦିଏ ସେ ଥିବାରୁ କଣା
ବୈଶାଖ ମାସରେ ଲାଗଇ ସିଏ
ନାମଟି ତାହାର କହିବ କିଏ ?

*ସୁନ୍ଦରପୁର, ଉତ୍ତରକୂଳ ହାଟ୍,*
*ପ୍ରୀତିପୁର, ଯାଜପୁର*
*ମୋ-୮୩୧୦୩୨୮୩୪୫*

ଉତ୍ତର:୧.ଓଡ଼ିଆ ନବବର୍ଷ,୨.ପଣା, ୩. ଘଣ୍ଟ ପାଟୁଆ, ୪. ବସୁନ୍ଧରା ଠେକି

# ଖଡ଼ିଛୁଆଁ ଦିବସ

*ପ୍ରଦୀପ୍ତ କୁମାର ଦାସ*

ଖଡ଼ିଛୁଆଁ ଦିବସରେ
ଖଡ଼ି ଆସ ଛୁଇଁବା
ଆଶାର କିରଣ ବୁଣି
ରବି ସମ ଉଇଁବା,
ସିଲଟରେ ଗୁରୁଜୀଙ୍କ
ଖଡ଼ିଦାଗ ଦେଖିକି
ମଡାଇ ମଡାଇ ଆମେ
ଖୁସିହେବା ଲେଖିକି,
ବ୍ରହ୍ମା ବିଷ୍ଣୁ ମହେଶ୍ୱର
ନାମ କରି ସ୍ମରଣ
ଗୁରୁଜୀଙ୍କୁ କରିବା ତ
ଆମେ ଅନୁସରଣ,
ପାଠ ପଢ଼ି ଜୀବନରେ
କେତେ କଥା ଜାଣିବା
ଭବିଷ୍ୟତ ପାଇଁ ଆମେ
ସୁଖ ଶାନ୍ତି ଆଣିବା,
ଅରଜିବା ବୁଦ୍ଧି ଜ୍ଞାନ
ଧରି ପାଠ ଧନକୁ
ହେବା ଆମେ ଭଲପିଲା
ଦୃଢ଼ କରି ମନକୁ ।

*କଣ୍ଟାବଣିଆ, ଛତ୍ରପଡ଼ା, ଯାଜପୁର*
*ମୋ- ୯୪୩୭୮୫୪୧୭୫*



# ବାପାଙ୍କ ମନକୁ ନେଲି ମୁଁ କିଣି



*ସୁରମା ମିଶ୍ର*

ଲାଗନ୍ତା କି ମୋର ଡେଣାରେ ପର
ଉଡି ଯାଆନ୍ତି ମୁଁ ସରଗପୁର
ନନ୍ଦନକାନନ ବୁଲି ଦେଖନ୍ତି
ପାରିଜାତ ଫୁଲ ତୋଳି ଆଣନ୍ତି ॥

ତା ପରେ ଯାଆନ୍ତି ଇନ୍ଦ୍ରଭୁବନ
ଦେବସଭା ଦେଖିବାକୁରେ ମନ
ଅପସରାଙ୍କର ନାଚ ଦେଖନ୍ତି
ଆଶାଟା ମୋର ପୂରଣ କରନ୍ତି ॥

ଯାଆନ୍ତି ମୁଁ ଜହ୍ନମାମୁଁଙ୍କ ଘର
ମାମୁମାଇଁ କରନ୍ତେରେ ଆଦର
ତାଙ୍କର ଶୀତଳ ପରଶ ଦେଇ
କ୍ଳାନ୍ତିଟା ମୋର ଦିଅନ୍ତେ ଦୂରେଇ ॥

ତାରା ମାଉସୀଟା ଧାଇଁ ଆସନ୍ତା
କୋଳେ ଧରି ମୋତେ ଗେଲ କରନ୍ତା
କେତେ ପିଠାପଣା ତିଆରି କରି
ଖୁଆଇ ଦିଅନ୍ତା ମୋ ପେଟ ଭରି ॥

ସୁରୁଜ ଦେବତା ପାଖକୁ ମୁହିଁ
ଯିବିନାହିଁ ଯିବିନାହିଁରେ ନାହିଁ
ତାଙ୍କ ଉତ୍ତାପଟା ବହୁତ ଟାଣ
ସହି ପାରିବି ନାହିଁରେ କଷଣ ॥

ଏତେ ସପନ ମୁଁ ଦେଖିଲି ସିନା
ସବୁ ସପନ ମୋ ହୋଇଲା ଚୁନା
ସପନକୁ ରାତି ଅଣ୍ଟିଲା ନାହିଁ
ବାପା କାନମୋଡ଼ି ଦେଲେ ଉଠାଇ ॥

କହିଲେ ତୁ ପାଠ ପଢାଟି ଛାଡ଼ି
କେଉଁ ସପନରେ ଅଛୁରେ ବୁଡ଼ି
ପରୀକ୍ଷା ଅଛିରେ ମୁଣ୍ଡ ଉପରେ
ପାଠ ପଢ଼ ଦେଇ ମନ ଧ୍ୟାନରେ ॥

ବାପାଙ୍କ କଥାଟି ମୁହିଁ ମାନିଲି
ମନ ଦେଇ ସଦା ପାଠ ପଢିଲି
ପରୀକ୍ଷାରେ ଭଲ ନମ୍ବର ଆଣି
ବାପାଙ୍କ ମନକୁ ନେଲି ମୁଁ କିଣି ॥

*ବିଏଲ-୩୯, ଭିଏସଏସ ନଗର,*
*ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଲଗାଇବା ଗଛ ଆମେ

*ଅଧ୍ୟାପକ ଶରତ କୁମାର ଦାସ*



ସୂରୁଯଙ୍କ ତେଜ ଯାଏ ବଢ଼ିବଢ଼ି
ଖରା ଆସେ ମାଡ଼ିମାଡ଼ି,
ତାତି ଯେବେ ଆସି ଛୁଏଁଟି ଦେହରେ
ପରାଣ ଯାଏଟି ଛାଡ଼ି ।
ଗରମ ପବନ କରଇ ରାଜୁତି
କଷଣ ଦିଏଟି ଯେତେ,
ଖାଇବା ପିଇବା ଲାଗେ ସବୁ ବିଷ
ନିଦ ହଜିଯାଏ ସେତେ ।
ସକାଳରୁ ସଂଜ ଡହଳବିକଳ
ଲାଗେନାହିଁ କିଛି ଭଲ,
ଗୋଡ଼ କାଢ଼ି ଘରୁ ହୁଏନି ବାହାରି
ମନ ହୁଏ କଲବଲ ।
ଦିନକୁ ଦିନ ତ ବଦଳେ ସମୟ
ପରିବେଶ ହୁଏ କ୍ଷୟ,
ମନଇଚ୍ଛା ଯେତେ କଟାହୁଏ ଗଛ
ଜିଇବାଟା ଲାଗେ ଭୟ ।
ଚାରାଟିଏ କାହିଁ ପୋତା ହେଉନାହିଁ
ଧୂସର ଲାଗୁଛି ଧରା,
ଗଛ ଛାଇ ଟିକେ ମିଳିବା ସପନ
ଦିନ ଲାଗେ ନିଆଁ-ଝରା ।
ଖୋଜିଲେ ଟୋପାଏ ମିଳୁନାହିଁ ପାଣି
ଚଉଦିଗେ ହାହାକାର,
ସଚେତନ ଯଦି ନହେବା ତେବେ ତ
ସବୁ ହେବ ଛାରଖାର ।
ଆସ ଆସ ମିତ କରିବା ଶପଥ
ଲଗାଇବା ଗଛ ଆମେ,
ଆଗେଇ ଚାଲିବା ପଛାଇବା ନାହିଁ
ଏଭଳି ମହତ କାମେ ।

*ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ*
*ବଡବିଲ ମହାବିଦ୍ୟାଳୟ,*
*ବଡବିଲ, କେନ୍ଦୁଝର*
*ମୋ- ୮୨୪୯୧୩୭୦୯୧*

# କହିଲ ଦେଖି

*ଜଗଦୀଶ ସାହୁ*

ପଣା ସଙ୍କରାନ୍ତି ଜନମ ଦିନ
ଘରେ ଘରେ ପର୍ବ ହୁଏ ପାଳନ
ବାମହାତେ ଗଦା ଦିଶେ ସୁନ୍ଦର
ତାଙ୍କ ସମ ନାହିଁ ଜଗତେ ବୀର
ବିଶଲ୍ୟକରଣୀ ଔଷଧ ପାଇଁ
ଗନ୍ଧମାର୍ଦ୍ଦନକୁ ଆଣିଲେ ବୋହି
ଛାତି ଚିରି ରାମସୀତାଙ୍କୁ ସିଏ
ଦେଖାଇଥିଲେଟି ନ ଜାଣେ କିଏ
ଶ୍ରୀରାମ ଭକତ ଅଞ୍ଜନା ସୁତ
ଜାଣିଥିଲେ ନାଆଁ କହି ଦିଅତ ?

ଓଡ଼ିଆ ନୂଆବର୍ଷ ଆରମ୍ଭ
ଏଇ ଦିନରେ
ପର୍ବ ପାଳିବା ପଣା ପିଇବା
ଖୁସି ମନରେ
ନୂଆପାଞ୍ଜିର ଗଣନାକାମ
ଆରମ୍ଭ ହୁଏ
ପୂଣ୍ୟପର୍ବର ନାଆଁଟି ମୋତେ
କହିବ କିଏ ?

ପାଚିଲା ବେଲରେ ଗୁଡ଼ କଦଳୀ
ମାଆ ଶରଧାରେ ଦେଇଛି ଗୋଳି
ଛଣା ସେଉ ବୁନ୍ଦି କୋରା ନଡ଼ିଆ
ପାଟିକୁ ଲାଗୁଛି ସ୍ୱାଦ ବଢିଆ
ପେଟ ଥଣ୍ଡାରଖେ ପିଇବ ଯିଏ
ନାଆଁଟି ତାହାର କହିବ କିଏ ?

*ସଂଜପଡା, ହିନ୍ଦୋଳ,*
*ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*

ଉତ୍ତର: ବୀର ହନୁମାନ, ମହାବିଷୁବ ସଂକ୍ରାନ୍ତି, ପଣା

# ଲାଗେ ସତେ କେତେ ଖୁସି



*ପ୍ରଫୁଲ୍ଲ କୁମାର ସାହୁ*

ଟାଇଁ ଟାଇଁ ଲାଗେ ଟାଇଁ ଟାଇଁ ଖରା
ଘରୁ ବାହାରକୁ ଗଲେ,
ଡର ଲାଗେ ନାହିଁ ପାଣି ବୋତଲଟି
ନିଜର ପାଖରେ ଥିଲେ ।୧।

ଦିନ ବଢ଼ିଗଲେ ଖରା ବଢ଼ିଯାଏ
ଗମ ଗମ ବହେ ଝାଳ,
ବାହାରକୁଗଲେ ମନ ଖୋଜୁଥାଏ
ପିଇବାକୁ ଥଣ୍ଡା ଜଳ ।୨।

ଖରା ଦିନ ସାଥୀ ଫୁଟି ତରଭୁଜ
ତଟକା କଷି କାକୁଡ଼ି,
ଚାଷୀ ଭାଇ ତାହା ଯୋଗାଏ ଆମକୁ
ଚାଷ କରି କ୍ଷେତ ବାଡ଼ି ।୩।

ଭାରି ଭଲ ଲାଗେ ଛେନା ବେଲ ପଣା
ହିତ ତାହା ଦେହ ପାଇଁ,
ମିଶି ଥିଲେ ଗୁଡ଼ ନଡ଼ିଆ ସେଥିରେ
ସୁଆଦ ଦିଏ ବଢାଇ ।୪।

ଟାଣ ଖରା ପାଇଁ ହିତ ଲେମ୍ବୁ ପାଣି
ପିଇଲେ ଅଭ୍ୟାସ କରି,
ଅଂଶୁଘାତ ଭୟ ହୋଇଥାଏ ଦୂର
ପିଇବା ନ କରି ଡେରି ।୫।

ଘୋଳ ଦହି ଲୁଣ ପଖାଳ ତୋରାଣି
ଖରାରେ ଖାଇବା ଭଲ,
ଜଳୀୟ ଅଂଶଟି ବଢାଏ ଦେହରେ
ଖାଇବା ସଭିଏଁ ଚାଲ ।୬।

ଖରା ଦିନ ପାଇଁ ଗଛ ଦିଏ ଛାଇ
ଗଛ ତଳେ ଗଲେ ବସି,
ଧୀର ପବନଟି ବାଜିଲେ ଦେହରେ
ଲାଗେ ସତେ କେତେ ଖୁସି ।୭।

*ଯଦୁ - ମାଳତୀ କୃପା ନିବାସ,*
*ଶକ୍ତି ବିହାର/ବାଲିପଡ଼ା,*
*ମାହାଙ୍ଗା, କଟକ-୭୫୪୨୦୭*
*ମୋ - ୭୬୦୯୦୪୪୩୮୩*

# ମହାବୀର ଜୟନ୍ତୀ...



*ରାମଚନ୍ଦ୍ର ବେହେରା*

ମହାବୀର ସ୍ୱାମୀ ଜନମ ଦିବସ
ରାଇଜେ ଆସିଛି ମିତ
ଜୈନ ଧର୍ମର ସେ ନୀତି ପ୍ରବର୍ତ୍ତକ
ଜାଣେ ଏ ଧର୍ମ ଜଗତ ।
ଅହିଂସା ପରମ ଧର୍ମ ସୂତ୍ର ବୋଲି
ଥିଲା ତାଙ୍କ ନୀତିବାଣୀ
ପରାଣୁ ଯେ କରେ କ୍ରୋଧ ନିବାରଣ
ସେହି ହିଁ ପ୍ରକୃତ ଜ୍ଞାନୀ ।
କ୍ରୋଧରୁ ଜନ୍ମଇ ରାଗ ହିଂସା ରୋଷ
ମାନବତା ହୁଏ ଲୀନ
ଅହିଂସା ଧର୍ମକୁ ଯେ କରେ ଆଦର
ପାଏ ମାନ ସନମାନ ।
ଅଜ୍ଞାନରେ ଯଦି ଭୁଲ୍ କରେ କେହି
ତା'ର ଦୋଷ ନଧରିବ
ସେହି ମାନବକୁ କ୍ଷମା କରିଦେଲେ
ଜୀବନେ ଶାନ୍ତି ମିଳିବ ।
ନିଜ ସ୍ୱାର୍ଥ ପାଇଁ ଅନ୍ୟ ଅମଙ୍ଗଳ
କରିବ ନାହିଁ ଜୀବନେ
ମାନବ ସେବାକୁ ମାଧବର ସେବା
ସଦା ରଖିଥିବ ମନେ ।
ମହାବୀର ସ୍ୱାମୀ ତୀର୍ଥଙ୍କର ରୂପେ
ଧର୍ମ ଜଗତେ ବନ୍ଦିତ
ଆସ ତାଙ୍କ ନୀତି ଆଦରି ପରାଣେ
ପାଳିବା ଅହିଂସା ବ୍ରତ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ପଖାଳ ମଜା

*ସୁହଂସ ଭୋଇ*

ଚଇତିର ଖରା ଛୁଇଁଲାଣି ଧରା
ଦେହ ହାତ ଯାଏ ସିଝି
କାନ୍ଥର ପଞ୍ଜିକା ତାରିଖ କହୁଛି
ପଖାଳ ଦିବସ ପରା

ଶୁଣି ତାର ନାଆ ମନେ ପଡେଭାରି
ଅତୀତର ଅନୁଭୂତି
ସକାଳେ ବିଛଣା ଛାଡିଲେ କେମିତି
ଖୋଜାହୁଏ ତାକୁ ନିତି

ଭୋକହେଲେ ଲୋଭ ବଢେ ତାର ପ୍ରତି
ପିଲାବେଳ ସାକ୍ଷୀ ଅଛି
ସେନେହୀ ମାଆଟି ବାଢି ଦେଉଥିଲା
କଂସାରେ ପଖାଳ କିଛି

ଶାଗ ବଡ଼ି ଚୁରା ପିଆଜ ବିଲାତି
ଲୁଣ ସହ ଲଙ୍କାଗୋଟି
ଶେଷେ ମନଭରି ତୋରାଣି ପିଇଲେ
ପେଟକୁ ମିଳଇ ତୃପ୍ତି

ଆମ ଚଷା ଭାଇ ସଠିକ ଜାଣିଛି
ସୁଆଦିଆ ସିଏ ଅତି
ଗଣ୍ଡେ ଖାଇ ଖଟେ ଚାରି ପହରିଆ
ଦିନ ମଜୁରିଆ ଗୋତି

ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ପଖାଳ
ମହକ ରହିଛି ଲୁଚି
ଜାଣିଛି ନିଶ୍ଚୟ କରିବ ଆଦର
ଭୋଜନେ ରଖେ ଯେ'ରୁଚି ।

*ପହଣ୍ଡି, ବିଜେପୁର, ବରଗଡ଼*
*ମୋ-୯୪୩୭୫୨୨୪୫୫*



# ଗାଏ ବସନ୍ତ ମଳୟ ଗୀତ

*ସନ୍ତୋଷ କୁମାର ଅଦାବର*



ଗାଏ ବସନ୍ତ ମଳୟ ଗୀତ, ମୃଦୁ ମଧୁର ସୁରେ
ସେଇ ସଙ୍ଗୀତ ତନୁ ମନକୁ, ଧିରେ ପରଶ କରେ ।
ଆମ୍ବ ବଉଳ ସୁବାସ ଆସେ, ସେ ମଳୟ ଗୀତରେ
ମହୁଲ ଗନ୍ଧ କେଡ଼େ ସୁଗନ୍ଧ, ତା' ଗୀତେ ଖେଳେ ଧିରେ ।
ସାତ ସୁରରୁ ପଞ୍ଚମ ସୁର, କୋଇଲି ଦିଏ ଗାଇ
ଧନ୍ୟ କୋଇଲି ଧନ୍ୟ କୋଇଲି, ବସନ୍ତ ଦିଏ କହି ।
ବର୍ଷକେ ଥରେ ବସନ୍ତ ଗାଏ, ମଳୟ ମଧୁ ଗୀତ
ନବ ପଲ୍ଲବ ନାଚଇ ସତେ, ହୋଇକି ଉଲ୍ଲସିତ ।
ସେ ଗୀତ ଶୁଣି ଖୁସିରେ ହସେ, ଗଛେ ପଳାଶ ଫୁଲ
ନାଲି ରଙ୍ଗରେ ହସଟି ତା'ର, ଆହା କି ମନୋହର !

*ବୀରମହାରାଜପୁର, ସୁବର୍ଣ୍ଣପୁର*
*ମୋ-୯୭୭୭୯୧୦୭୨୮*



# କିଏବା କହିବ ଆହାଃ

*ଶିଶିର କୁମାର ପଣ୍ଡା*

ଦୁନିଆଁରେ ଆଉ ରହି ହେବନାହିଁ
ଗରମ ପଡ଼ିଛି ଯାହା
ସବୁତ ଶିଝନ୍ତି ଟାଣୁଆ ଖରାରେ
କିଏବା କହିବ ଆହାଃ ?
ଆକାଶରୁ ନିଆଁ ବରଷି ଯେମିତି
ଦେହରେ ଯାଉଛି ଗଳି
ଧନୀଙ୍କ ବ୍ୟବସ୍ଥା ଏସି କରିଦିଏ
ଗରିବ ପାରେନା ଚଳି ।
କାହାକୁ କହିବା କିଏବା ଶୁଣିବ
ଚଉଡ଼ା ହେଉଛି ବାଟ
ଆଧୁନିକତାର ହାତଧରି ସବୁ
ନିରିଦୟେ ଗଛ କାଟ ।
ଢଳେଇ ସଡ଼କ କୋଠାବାଟି କେବେ
ଖରାକୁ ପାରେନା ଶୋଷି
ଏକଥା ନବୁଝି କି ଲାଭ କହିଲ
ଗରମ ଗରମ ଘୋଷି ?
ଗାଡ଼ିଘୋଡ଼ା ଆଉ କାରଖାନା ଧୂଆଁ
ପ୍ରଦୂଷିତ ଯାହା କରେ
ସେଇଥିପାଇଁକି ଅକାଳେ ମଣିଷ
ରୋଗରେ ପଡ଼ିକି ମରେ ।

*କୁଆଁସ, ମେରଦା କାଟିଆ, ଯାଜପୁର*
*ଆଳାପ-୮୯୮୧୭୩୭୨୨୮*





# ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ କାର୍ଡ ବଣ୍ଟନ ପାଇଁ ବିଏମସିର ପ୍ରସ୍ତୁତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଚଳିତ ମାସ ୧୧ ତାରିଖରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହେବ। ରାଜ୍ୟ ବ୍ୟାପୀ ଏହି କାର୍ଯ୍ୟକ୍ରମ କରାଯିବ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବିଏମସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ, ମୁଖ୍ୟ ବିତ୍ତ ଅଧିକାରୀ ଗୋବିନ୍ଦଚନ୍ଦ୍ର ସାହୁ, ସହରାଞ୍ଚଳର ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୀଳମଣି ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହୁ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, କର୍ପୋରେଟର, ମେଡିକାଲ ଅଫିସର, ସ୍ୱାସ୍ଥ୍ୟକର୍ମୀ ଏବଂ ପରିଚାଳକ ଉପସ୍ଥିତ ଥିଲେ।

ମୁଖ୍ୟତଃ ଏବିପିଏମଜେଏୱାଇ-ଜିଜେଏୱାଇ କେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ, କେଉଁମାନେ ପାଇବେ, ଏହାର ଅବଧି କେତେ ଦିନ, କେଉଁମାନଙ୍କୁ କେତେଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଚିକିତ୍ସା ସୁବିଧା ମିଳିପାରିବ ଇତ୍ୟାଦି ସଂପର୍କରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ୧୧ ତାରିଖ ଦିନ ମହାନଗର ନିଗମ ଅଞ୍ଚଳରେ ଥିବା ୨୨ ଗୋଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକକାଳୀନ କାର୍ଯ୍ୟକ୍ରମ କରାଯିବ।

ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳର ଲୋକଙ୍କୁ ଏକଜୁଟ୍ କରାଇ ସେମାନଙ୍କୁ ଏ ସମ୍ପର୍କରେ ସଚେତନ କରାଯିବ। ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ଏହି ବୈଠକରେ ଆଲୋଚନା ହୋଇଥିଲା। ଏବେ ରାଜ୍ୟ ସରକାର ୧୧ ତାରିଖ ଦିନ ପ୍ରତି ୱାର୍ଡର ୨୫ ଜଣ ହିତାଧିକାରୀଙ୍କୁ କାର୍ଡ ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପରେ ପର୍ଯ୍ୟାୟକ୍ରମେ ସମସ୍ତ ବିପିଏଲ୍ ତଥା ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ପାଇଥିବା ସମସ୍ତ ହିତାଧିକାରୀଙ୍କୁ ଏବିପିଏମଜେଏୱାଇ- ଜିଜେଏୱାଇ କାର୍ଡ ପ୍ରଦାନ କରାଯିବ। ଏଥିରେ ପ୍ରତି ପରିବାରକୁ ସରକାରୀ କିମ୍ବା ତାଲିକାଭୁକ୍ତ ବେସରକାରୀ ଡାକ୍ତରଖାନାରେ ୫ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିବ। ଯେଉଁ ପରିବାରରେ ମହିଳା ଅଛନ୍ତି ସେ ପରିବାରକୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଚିକିତ୍ସା ସୁବିଧା ମିଳିବ। ତେବେ ୭୦ ବର୍ଷରୁ ଅଧିକ ବୟସର ସବୁ ବର୍ଗର ଲୋକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିବ। ଅର୍ଥାତ୍ ଯେଉଁ ପରିବାରରେ ୭୦ ବର୍ଷରୁ ଅଧିକ ବୟସର ନାଗରିକ, ମହିଳା ଥିବେ ତେବେ ସେ ପରିବାର ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରିବେ। ଧନି, ଗରିବ, ବିପିଏଲ୍, ଏପିଏଲ୍ ନିର୍ବିଶେଷରେ ୭୦ ବର୍ଷ ଅତିକ୍ରମ କରିଥିବା ସମସ୍ତ ବ୍ୟକ୍ତି ବୟୋ ବନ୍ଦନା କାର୍ଡ ପାଇବେ। ସେମାନଙ୍କ ପାଇଁ ଇ-କେୱାଇସି କରିବା ଜରୁରୀ।

# ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ ପୂର୍ବରୁ ପହଞ୍ଚିବାକୁ ନିର୍ଦ୍ଦେଶ

**କଟକ, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରୀୟ ଲୋକସେବା ଆୟୋଗଙ୍କ ଦ୍ୱାରା ଆସନ୍ତା ତା ୧୩.୦୪.୨୦୨୫ରିଖ (ରବିବାର) ଏନଡିଏ ଏବଂ ଏନଏ (୧), ୨୦୨୫ ପରୀକ୍ଷା ଅନୁଷ୍ଠିତ ହେବ। ଦିବା ୧୦.୦୦ ଘଟିକା ଠାରୁ ୧୨.୩୦ ଘଟିକା ପର୍ଯ୍ୟନ୍ତ (ପ୍ରଥମ ପେପର) ଏବଂ ଅପରାହ୍ନ ୨.୦୦ ଘଟିକାରୁ ୪ ଘଟିକା ୩୦ ମିନିଟ୍ ପର୍ଯ୍ୟନ୍ତ (ଦ୍ୱିତୀୟ ପେପର) ଲିଖିତ ପରୀକ୍ଷା ହେବାକୁ ସ୍ଥିର କରାଯାଇଛି। ସେହିପରି ଉକ୍ତ ଦିନ ସିଡିଏସ (୧) ୨୦୨୫ ଲିଖିତ ପରୀକ୍ଷାର ୩ଟି ପେପର ଯଥାକ୍ରମେ ଦିବା ୯.୦୦ ଘଟିକାରୁ ୧୧ ଘଟିକା, ୧୨.୩୦ ଘଟିକାରୁ ୨.୩୦ ଘଟିକା ଏବଂ ଅପରାହ୍ନ ୪.୦୦ ଘଟିକାରୁ ୬.୦୦ ଘଟିକା ପର୍ଯ୍ୟନ୍ତ ହେବାକୁ ଯାଉଅଛି। କଟକର ମୋଟ୍ ୮ ଗୋଟି ପରୀକ୍ଷା କେନ୍ଦ୍ରରେ ଏନଡିଏ ଏବଂ ଏନଏ (୧),୨୦୨୫ ଏବଂ ୬ ଗୋଟି ପରୀକ୍ଷା କେନ୍ଦ୍ରରେ ସିଡିଏସ (୧) ୨୦୨୫ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। କେନ୍ଦ୍ରୀୟ ଲୋକସେବା ଆୟୋଗଙ୍କ ପ୍ରଣୀତ ନିୟମ ଅନୁସାରେ ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ୍ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ଦ୍ୱାର ବନ୍ଦ କରାଯିବ ଏବଂ କୌଣସି ପରୀକ୍ଷାର୍ଥୀଙ୍କୁ ଉକ୍ତ ସମୟରେ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ନିର୍ଦ୍ଧାରିତ ସମୟ ପରେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପାଇଁ ପରୀକ୍ଷା ପରିଚାଳନା କରୁଥିବା କୌଣସି ଅଧିକାରୀଙ୍କୁ ଇଚ୍ଛାମୂଳକ ସାମର୍ଥ୍ୟ ଦିଆଯାଇନାହିଁ। ଏଣୁ କଟକର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଉକ୍ତ ପରୀକ୍ଷା ଦେବାକୁ ସ୍ଥିରୀକୃତ ହୋଇଥିବା ପରୀକ୍ଷାର୍ଥୀମାନେ ନିଜ ନିଜର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହେବାର ଅତି କମ୍‌ରେ ୩୦ ମିନିଟ୍ ପୂର୍ବରୁ ପ୍ରବେଶ କରିବାକୁ ଅନୁରୋଧ କରାଯାଇଛି।

## ତଥ୍ୟ ପରିଚାଳନା ଏବଂ ବିଶ୍ଳେଷଣ ଅଧ୍ୟୟନ ସମୀକ୍ଷା

# ଡାଟା ଗଭର୍ଣ୍ଣାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଡାଟା, ପଲିସି ଏବଂ ଇନୋଭେସନ ସେଣ୍ଟର (ଡିପିଆଇସି) ଦ୍ୱାରା ଡାଟା ସାମର୍ଥ୍ୟ ଆକଳନ ସମ୍ପର୍କିତ ଏକ ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ପ୍ରାରମ୍ଭରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଶାସନ ଓ ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣ ପାଇଁ ତଥ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ତଥ୍ୟ ସଂଗ୍ରହ, ବିଶ୍ଳେଷଣ ଏବଂ ପ୍ରଶାସନିକ ତଥ୍ୟ ପ୍ରଦାନରେ ଅତ୍ୟାଧୁନିକ ଜ୍ଞାନକୌଶଳକୁ ଗ୍ରହଣ କରିବା ଏବଂ ନିଷ୍ପତ୍ତି ନେବା ପାଇଁ ଉନ୍ନତ ବିଶ୍ଳେଷଣ ଉପକରଣର ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏକ ସାଧାରଣ ଏବଂ ମାନକ ପଦ୍ଧତି ମାଧ୍ୟମରେ ସମସ୍ତ ବିଭାଗରେ ଡାଟା ଗଭର୍ଣ୍ଣାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏହି ଆଲୋଚନାରେ ସୂଚନା ଓ ପ୍ରଯୁକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଉଚ୍ଚ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ, ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ଡିପିଆଇସିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଡିପିଆଇସି ତରଫରୁ ଉର୍ମିଳା ଚାଟାର୍ଜୀ ଡାଟା ପରିଚାଳନା, ଡାଟା ଆନାଲିଟିକ୍ସ ଏବଂ ଦକ୍ଷତାରେ ଉନ୍ନତି ଆଣିବା କ୍ଷେତ୍ରରେ ବିଭାଗଗୁଡିକର ସାମର୍ଥ୍ୟକୁ ନେଇ ଡିପିଆଇସି ଦ୍ୱାରା କରାଯାଇଥିବା ତ୍ୱରିତ ଆକଳନ ଉପସ୍ଥାପନ କରିଥିଲେ। ବିଭାଗଗୁଡ଼ିକ ମଧ୍ୟରେ ଡାଟା ଆଦାନପ୍ରଦାନ, ତଥ୍ୟ ଉପଲବ୍ଧତାରେ ସୁରକ୍ଷା, ତଥ୍ୟ ସଂରକ୍ଷଣ, ବ୍ୟାକଅପ୍ ଏବଂ ଡାଟା ଗୁଣବତ୍ତା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା।

ତଥ୍ୟ ପରିଚାଳନାରେ ସୁଦୃଢ ଓ ସୁରକ୍ଷିତ ଭିତ୍ତିଭୂମି, ବ୍ୟାକଅପ୍, ବିପର୍ଯ୍ୟୟ ପୁନରୁଦ୍ଧାର ପ୍ରୋଟୋକଲ୍, ମାନକ ଫର୍ମାଟ୍ର ବ୍ୟବହାର, ରହିଥିବା ସିଷ୍ଟମ୍ ଏବଂ ବିଭାଗ ଗୁଡ଼ିକ ପରସ୍ପରକୁ ତଥ୍ୟ ଆଦାନ ପ୍ରଦାନ ପରିଚାଳନା ଆବଶ୍ୟକତା ଉପରେ ଉପସ୍ଥାପନାରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟଦକ୍ଷତା ଟ୍ରାକିଂ, ପୂର୍ବାନୁମାନ ଏବଂ ଅବଗତ ନିଷ୍ପତ୍ତି ନେବା ପାଇଁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ଗୁଣାତ୍ମକ ଡାଟା ବିଶ୍ଳେଷଣ ଉପକରଣରଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ବିଭାଗୀୟ ଅଧିକାରୀମାନଙ୍କୁ ଡାଟାଆନାଲିଟିକ୍ସ ଉପରେ ଡିପିଆଇସି ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ଏକାଡେମିକ୍, ବୈଜ୍ଞାନିକଏବଂ ଗବେଷଣା ଅନୁଷ୍ଠାନ ଗୁଡ଼ିକ ସହିତ ଭାଗିଦାରିତା ସମ୍ପର୍କରେ ପ୍ରସ୍ତାବ ଦିଆଯାଇଥିଲା।

ସୁଶାସନ ପାଇଁ ତଥ୍ୟର ଗୁଣାତ୍ମକ ଉପଲବ୍ଧତା ପାଇଁ ରୂପାନ୍ତରଣ ଜରୁରୀ ବୋଲି ସହମତି ପ୍ରକାଶ ପାଇଥିଲା। ଉନ୍ନୟନ କମିଶନର-ତଥା -ଅତିରିକ୍ତ ମୁଖ୍ୟ ଶାସନ ସଚିବପରବର୍ତ୍ତୀ ସମସ୍ତ ସଚିବସ୍ତରୀୟ ବୈଠକରେ ଚିହ୍ନଟ ହୋଇଥିବା କ୍ଷେତ୍ରରେ ସରକାରୀ ବିଭାଗ ଗୁଡ଼ିକର ଡାଟା ପରିଚାଳନା ଏବଂ ବିଶ୍ଳେଷଣ କ୍ଷମତା ଉପରେ ଅଧ୍ୟୟନର ଅନୁସନ୍ଧାନ ଉପସ୍ଥାପନ କରିବାକୁ ଡିପିଆଇସିକୁ ପରାମର୍ଶ ଦେଇଥିଲେ।

## ବଲାଙ୍ଗୀରରେ ଶିଶୁ ବିକ୍ରି

# ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଡିଲ୍

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଏକ ନବଜାତ ଶିଶୁ ପୁତ୍ର ବିକ୍ରି ପାଇଁ ଡିଲ୍ ହୋଇଥିବା ଜଣାପଡିଛି। ଶିଶୁପୁତ୍ରକୁ ଟଙ୍କା ଦେଇ ଜଣେ ଦମ୍ପତି କିଣିଥିବା ଜଣାପଡ଼ିବା ପରେ ହଇଚଇ ସୃଷ୍ଟି ହୋଇଛି। ବଲାଙ୍ଗୀର ସହର ମାଲପଡ଼ାରେ ଭଡ଼ାଘରେ ରହୁଥିବା ଜଣେ ମହିଳା ଗତ ୬ ତାରିଖ ଦିନ ଶିଶୁକୁ ଜନ୍ମ ଦେଇଥିଲେ। ଗତ ୮ ତାରିଖ ଦିନ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ସେଇ ଦିନ ଟିଟିଲାଗଡ଼ର ଜଣେ ମହିଳା ମଧ୍ୟସ୍ଥି ସମ୍ପୃକ୍ତ ନବଜାତ ଶିଶୁକୁ ସେଠାରୁ ନେଇ ଯାଇଥିବା ଜଣାପଡିଛି। ଶିଶୁ ମଙ୍ଗଳ ସମିତି ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ଶିଶୁ ପୁତ୍ର ଏପର୍ଯ୍ୟନ୍ତ ଠାବ କରାଯାଇନାହିଁ। ଏଡିଏମ୍ ପବିତ୍ର ବେହେରା ବଲାଙ୍ଗୀର ମାଲପଡାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।



# ତମାଖୁ ଜାତୀୟ ଦ୍ରବ୍ୟ ଉପରେ ଚଢ଼ଉ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ସହରରେ ତମାଖୁ ଜାତୀୟ ଦ୍ରବ୍ୟ ବ୍ୟବହାର ଓ ବିକ୍ରୟ ନିଷେଧ ପାଇଁ ଏକ ଟିମ୍ ଗଠନ ହୋଇ ବିଭିନ୍ନ ପାନ ମସଲା ଦୋକାନ ମାନଙ୍କରେ ଚଢ଼ଉ କରିଥିଲେ। ବୁଧବାର ସକାଳ ୧୦ଟା ରୁ ଦିନ ୨ଟା ପର୍ଯ୍ୟନ୍ତ ସୋନପୁର ସହରର ସମସ୍ତ ପାନ ମସଲା ଦୋକାନ ମାନଙ୍କରେ ତମାଖୁ ଜାତୀୟ ଦ୍ରବ୍ୟର ବିକ୍ରୟ ଓ ବ୍ୟବହାର ଉପରେ ନିଷେଧ ପାଇଁ ଏକ ଟିମ୍‌ର ଚଢ଼ଉ ଓ ଜୋରିମାନା ଆଦାୟ କରିଥିଲେ ମୋଟ ୨୨ ଗୋଟି ଦୋକାନ ଉପରେ ଚଢ଼ଉ କରି ୩୮୦୦ ଟଙ୍କା ଆଦାୟ କରିଥିଲେ। ଏହି ଟିମ୍‌ରେ ଖାଦ୍ୟ ନିରାପତ୍ତା ଅଧିକାରୀ ସସ୍ମିତା ନାଏକ, ଡ୍ରଗ୍ସ ଇନିସ୍ପେକଟର ସମେତ ସୋନପୁର ପୋଲିସ ସହାୟତାରେ ବିଭିନ୍ନ ଦୋକାନ ମାନଙ୍କୁ ଚଢ଼ଉ ସହ ସଚେତନତା କରାଇଥିଲା।

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଦିନିକିଆ ମୟୂରଭଞ୍ଜ ଗସ୍ତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବୁଧବାର ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମାନ୍ୟବର ମନ୍ତ୍ରୀ ସୁରେଶ ପୂଜାରୀ ଦିନିକିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀକକ୍ଷଠାରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ।

ଉକ୍ତ ବୈଠକରେ ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ, ଓଡ଼ିଶା ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ସମେତ ମାନ୍ୟବର ବିଧାୟକ ଓ ବିଧାୟିକାଙ୍କ ମଧ୍ୟରେ ଉଦଳା ବିଧାୟକ ଭାସ୍କର ମଢେଇ, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବିଧାୟିକା ବାଙ୍ଗରିପୋଷୀ ସୁଶ୍ରୀ ସଞ୍ଜଳୀ ମୁର୍ମୁ ପ୍ରମୁଖଙ୍କ ସମେତ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ରାଇରଙ୍ଗପୁର ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ।

ସମୀକ୍ଷା ଅବସରରେ ରାଜସ୍ୱ ମନ୍ତ୍ରୀ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ରାଜସ୍ୱ ଜମି ଅଧିଗ୍ରହଣ, ସରକାରୀ ଜମି ଜବରଦଖଲ ଉଚ୍ଛେଦ ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ପ୍ରସଙ୍ଗ ଉପରେ ସମୀକ୍ଷା କରିଥିଲେ। ବିଶେଷ କରି ଜିଲ୍ଲାରେ ଚାଲି ଥିବା ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟକ୍ରମ, ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଉପୁଜୁଥିବା ସମସ୍ୟା ଏବଂ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ପ୍ରସ୍ତୁତି ଓ କାର୍ଯ୍ୟକାରୀ ହେବା ସମ୍ପର୍କରେ ସେ ଆଲୋଚନା କରିଥିଲେ। ତହସିଲ ଅଫିସରୁ ଯେପରି କୌଣସି ହିତାଧିକାରୀ ସହାୟତା ବିନା ନ ଫେରେ, ସେ ବାବଦରେ ଯତ୍ନବାନ ହେବାକୁ ସେ ସମସ୍ତ ତହସିଲଦାରଙ୍କୁ ପରାମର୍ଶ ଦେଇଥିଲେ।

ଆଗାମୀ ଦିନରେ ରାଜସ୍ୱ ବିଭାଗର କ୍ଷେତ୍ର ଅଧିକାରୀମାନଙ୍କ କାର୍ଯ୍ୟକୁ ସରଳୀକରଣ କରାଯିବା ପାଇଁ ଲାପଟପ ଯୋଗାଇ ଦେବାକୁ ବ୍ୟବସ୍ଥା ହେଉଛି ବୋଲି ପ୍ରକଶ କରିଥିଲେ ଏବଂ ତହସିଲ କାର୍ଯ୍ୟାଳୟରେ ଜମିଜମା ସମ୍ପର୍କିତ କାର୍ଯ୍ୟ ପାଇଁ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସଫ୍ଟୱେରକୁ ଅପଡେଟ କରିବା ପାଇଁ କାର୍ଯ୍ୟ ଚାଲିଛି। ସେହିଭଳି ଜାତି ପ୍ରମାଣ ପତ୍ର ପ୍ରଦାନ ନେଇ ଉପୁଜୁ ଥିବା ବିଭିନ୍ନ ଅସୁବିଧା ଗୁଡିକ ବିଷୟରେ ଆଲୋଚନା କରି ମନ୍ତ୍ରୀ ଅସାଧୁ ଭାବେ ଆଦିବାସୀ ଜମି ହଡପ କରୁଥିବା ଲୋକଙ୍କ ପ୍ରତି ସରକାର କଡ଼ା ପଦକ୍ଷେପ ନେବେ ବୋଲି ଜଣାଇଛନ୍ତି। ବସୁନ୍ଧରା ଯୋଜନାରେ ଯେଉଁମାନେ ଜମି ପାଇଁ ଯୋଗ୍ୟ ସେମାନଙ୍କୁ ଯଥା ଶୀଘ୍ର ଜମି ଦେବା, ଜିଲ୍ଲାରେ ତହସିଲ କାର୍ଯ୍ୟାଳୟ ଗୁଡିକର ଭିତ୍ତିଭୂମି ବିକାଶ ଓ ବିପର୍ଯ୍ୟୟ ପରିଚାଳନାର ଭିତ୍ତିଭୂମି ବିକାଶ ଏବଂ ଜରୁରୀକାଳୀନ ପରିସ୍ଥିତିରେ ପ୍ରଶାସନର ପ୍ରସ୍ତୁତିକୁ ସମୀକ୍ଷା କରିବା ସହିତ ଏଥିପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଜମିଜମା ସଂକ୍ରାନ୍ତୀୟ କିଛି ପୁରାତନ ନିୟମନୀତି ଯାହାକି ଅନୁପାଳନ ସମୟରେ ସମସ୍ୟା ସୃଷ୍ଟି କରୁଛି ସେସବୁକୁ ସଂଶୋଧନ କରି ସମୟ ଉପଯୋଗୀ କରିବା ପାଇଁ ସରକାରଙ୍କ ତରଫରୁ ପ୍ରୟାସ ଚାଲିଛି।

## ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ

# ୩ ବର୍ଷରେ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି ହେବ ସକ୍ଷମ ଅଙ୍ଗନୱାଡ଼ି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଉପ-ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୁଧବାର ମହିଳା ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଟେକ ହୋମ୍ ରାସନ ଯୋଜନା ଅନ୍ତର୍ଗତ ଗତ ନଭେମ୍ବର ମାସରେ ଅନୁଷ୍ଠିତ ଟେକ ହୋମ୍ ରାସନ କନକ୍ଲେଭରେ ଉପସ୍ଥାପିତ ପରାମର୍ଶ ବିଷୟରେ ଏହି ବୈଠକରେ ବିଶଦ ଆଲୋଚନା କରାଯାଇଥିଲା। ଉପ-ମୁଖ୍ୟମନ୍ତ୍ରୀ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ଆସାମ, ତେଲେଙ୍ଗାନା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଆଦି ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଟେକ ହୋମ୍ ରାସନ ଉତ୍ପାଦନ ମଡେଲଗୁଡିକ ଉପରେ ଚର୍ଚ୍ଚା କରିଥିଲେ। ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ) ଅଧୀନରେ ହିତାଧିକାରୀଙ୍କୁ ବଣ୍ଟା ଯାଉଥିବା ଟେକ ହୋମ୍ ରାସନର ଗୁଣବତାକୁ ଉନ୍ନତ କରିବା ପାଇଁ ନିଆଯାଉଥିବା ପଦକ୍ଷେପଗୁଡିକର ସମୀକ୍ଷା କରିଥିଲେ। ରାଜ୍ୟର ଟେକ ହୋମ୍ ରାସନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଦକ୍ଷତା ବୃଦ୍ଧି ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ମହିଳା ଶିଶୁ ବିକାଶ ବିଭାଗର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଜନା ଯଥା ସକ୍ଷମ ଅଙ୍ଗନୱାଡ଼ି, ମିଶନ ବାତ୍ସଲ୍ୟର କାର୍ଯ୍ୟକାରିତା ଉପରେ ମଧ୍ୟ ସମୀକ୍ଷା କରିଥିଲେ। ସକ୍ଷମ ଅଙ୍ଗନୱାଡ଼ି କାର୍ଯ୍ୟକ୍ରମ ମାଧ୍ୟମରେ ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରକୁ ସକ୍ଷମ ଅଙ୍ଗନୱାଡ଼ିରେ ପରିଣତ କରିବା ନିମନ୍ତେ ରୋଡ଼ମ୍ୟାପ ପ୍ରସ୍ତୁତ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ପୁଣି ଚଳିତ ବର୍ଷ ପୋଷ୍ୟ ସନ୍ତାନ ଗ୍ରହଣରେ ଓଡ଼ିଶା ଗତ ସମସ୍ତ ବର୍ଷର ରେକର୍ଡ ଭାଙ୍ଗି ରାଜ୍ୟରେ ସର୍ବାଧିକ ସଂଖ୍ୟାର ପୋଷ୍ୟ ସନ୍ତାନ ଗ୍ରହଣ ହୋଇପାରିଛି ଜାଣି ସେ ଖୁସି ବ୍ୟକ୍ତ କରିବା ସହ ମିଶନ ବାତ୍ସଲ୍ୟ ଅଧୀନରେ ଥିବା ଶିଶୁ ସୁରକ୍ଷା ସେବା ଯଥା ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮ ଓ ଅନ୍ୟ ସେବାଗୁଡିକ ସମ୍ବନ୍ଧରେ ଅଧିକ ଜନ ସଚେତନତା ସୃଷ୍ଟି କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

**GOVERNMENT OF ODISHA** O-27
RURAL WATER SUPPLY & SANITATION ORGANISATION
-x-x-x-x-x-x-x-
OFFICE OF THE SUPERINTENDING ENGINEER
RWS&S DIVISION DHENKANAL
E-mail- eerwss-dkl@nic.in / eerwssdhenkanal@gmail.com
-x-x-x-x-x-x-x-
INVITATIONS FOR BIDS THROUGH e-Procurement
Bid Identification No – 01/S.E/RWSS/2025-26/Dhenkanal/Dt. 04.04.2025

The Superintending Engineer, RWS&S Division, Dhenkanal on behalf of Governor of Odisha invites Percentage bid through e-procurement in **Single Cover** system from contractors having Experience as mentioned in DTCN of work for the Projects according to norm of e-Procurement system in on-line mode.

Nature of Work: - Const. of OGR, Laying of Pipe line, Widening & Strengthening of Dhenkanal – Kaimati – Joranda Road under Sadar Block in Dhenkanal District.

1. No. of Tenders : 02 Nos.
2. Tender Paper Cost : 6,000/- (Online)
3. Value of work : Rs. 12.54 Lakh to Rs. 45.14 Lakh (Excluding GST)
4. Class of Contractor : D, C & B Class
5. Date & time of availability of bid document in portal : 16-04-2025 at 11.00 A.M 25-04-2025 Up to 05.00 P.M
6. Date & time of seeking tender clarification : 23-04-2025 up to 05.00 P.M
7. Date & time of opening of tender : 28-04-2025 at 11.00 A.M in the office of the Superintending Engineer, RWS&S Division, Dhenkanal.
8. Time of completion 03 (Three) Months
9. The bidders have to participate in online biding only. Further details can be seen from the website https://www.tendersorissa.gov.in.
10. Corrigendum if any shall be publish in the above website only.

Sd/- Superintending Engineer, RWS&S Division, Dhenkanal
OIPR-25029/11/0001/2425

# ସମାଜସେବୀଙ୍କ ପରଲୋକ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର କାନନବିହାର ଫେଜ୍-୨ ନିବାସୀ ଭୁବନେଶ୍ୱର ମିଶ୍ରଙ୍କର ଗତ ୮ ତାରିଖ ଦିନ ୬୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ମିଶ୍ର ଜଣେ ଅତ୍ୟନ୍ତ ମେଳାପୀ, ବନ୍ଧୁବତ୍ସଳ ଏବଂ ସମାଜସେବୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଭଉଣୀ ମିନତୀ, ଆରତୀ, ଭିଣୋଇ କିଶୋରୀ ପ୍ରସାଦ ଦାଶ ତଥା ଭଣଜା ଭାଣେଜୀମାନେ ଉପସ୍ଥିତ ଥିଲେ। କନିଷ୍ଠ ଭ୍ରାତା କୃଷ୍ଣଚନ୍ଦ୍ର ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କର ମୃତ୍ୟୁରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

NOTICE INVITING TENDER C-68
OFFICE OF THE MUNICIPAL COUNCIL,NAYAGARH
NAYAGARH(ODISHA),PIN-752069
e-Mail :- nacnayagarh@yahoo.co.in
Tender Call Notice No. 834 dt. 07.04.2025
E- Procurement Notice No. MUNLNGR-002/2025-26

| | | | |
|---|---|---|---|
| 1 | Name of the Work | : | Construction of Shed at Fish Market back side, Nayagarh Municipality. |
| 2 | No of Works | : | 01 Nos. |
| 3 | Value of Work | : | Rs.4,87,383/- |
| 4 | Class of Contractor | : | D & C |
| 5 | Period of Completion | : | As per DTCN |
| 6 | Date of Publication | : | Dt.09.04.2025 |
| 7 | Date and Time of availability of document in the portal. | : | From Dt.10.04.2025 at 10.00 AM to Dt.22.04.2025 up to 5.00 PM |
| 8 | Last Date/Time for receipt of bids in portal | : | Dt.22.04.2025 up to 5.00 PM |
| 9 | Last date of Submission of original documents in this Office | : | On or before 12.00 Noon on Dt.24.04.2025 by Registered Post / Speed Post / Drop Box available at Municipal Office |
| 10 | Date and Time of opening Bid | | Dt.25.04.2025 at 9.00 A.M. at Municipality Office, Nayagarh |
| 11 | Name and address of the officer inviting bid | | Sd/- Executive officer, Nayagarh Municipality |

Further details can be seen from e-Procurement portal https://tendersodisha.gov.in
OIPR-13134/11/0024/2425

CAD-64
CDA
**କଟକ ଉନ୍ନୟନ କର୍ତ୍ତୃପକ୍ଷ**
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୫ରେ ପ୍ଲଟ୍ ନଂ-8-2F/225 ଟିକୁ ଶ୍ରୀ ନାରାୟଣ ମାଣିକ, ପିତା-ସ୍ୱ ବିଶ୍ୱନାଥ ମାଣିକ, ସା-ବାଘୁଆକେଶପୁର, ପୋ-କଦଳୀବଣ, ଥା-ପଟ୍ଟାମୁଣ୍ଡାଇ, ଜିଲ୍ଲା-କେନ୍ଦ୍ରାପଡ଼ାଙ୍କୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ନାରାୟଣ ମାଣିକ ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ମଞ୍ଜୁଲତା ସାହୁ, ସ୍ୱାମୀ-ବିଦ୍ୟାଧର ସାହୁ, ସା- ବେଣ୍ଟପୁର, ପୋ-କୁକୁଡ଼ଜଇପୁର, ଥା-ମାହାଙ୍ଗା, ଜିଲ୍ଲା-କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13037/11/0226/2425 ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ୬୩,୦୦୦ କୋଟିର ମେଗା...

କେନ୍ଦ୍ର କ୍ୟାବିନେଟ ବୁଧବାର ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା (ପିଏମକେଏସୱାଇ)ର ଉପ-ଯୋଜନା ଭାବେ କମାଣ୍ଡ କ୍ଷେତ୍ର ବିକାଶ ଏବଂ ଜଳ ପରିଚାଳନାର ଆଧୁନିକୀକରଣକୁ ଅନୁମୋଦନ କରିଛି। ଏହି ଯୋଜନାର ମୋଟ ପ୍ରାରମ୍ଭିକ ବ୍ୟୟ ଅଟକଳ ୧୬୦୦ କୋଟି ଟଙ୍କା ରଖାଯାଇଛି। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ବର୍ତ୍ତମାନ କାର୍ଯ୍ୟକ୍ଷମ କେନାଲ କିମ୍ବା ଅନ୍ୟାନ୍ୟ ଉତ୍ସରୁ ନିର୍ଦ୍ଦିଷ୍ଟ କ୍ଲଷ୍ଟରକୁ ଜଳସେଚନ ଉଦ୍ଦେଶ୍ୟରେ ଜଳ ଯୋଗାଣ ନେଟୱାର୍କର ଆଧୁନିକୀକରଣ କରିବା। ଏଥିରେ ଚାପଯୁକ୍ତ ଭୂତଳ ପାଇପ ଜଳସେଚନ ଜରିଆରେ ଏକ ହେକ୍ଟର ପର୍ଯ୍ୟନ୍ତ ସ୍ଥାପିତ ଉତ୍ସରୁ ଜମି ପର୍ଯ୍ୟନ୍ତ ଚାଷୀଙ୍କ ଦ୍ୱାରା କ୍ଷୁଦ୍ର ଜଳସେଚନ ନିମନ୍ତେ ମଜଭୁତ ବ୍ୟାକଏଣ୍ଡ ମୌଳିକ ଭିତ୍ତିଭୂମି ପ୍ରସ୍ତୁତ କରାଯିବ। ଜଳ ଆକାଉଣ୍ଟିଂ ଏବଂ ଜଳ ପରିଚାଳନା ପାଇଁ ଏସ୍.ସି.ଏ.ଡି.ଏ., ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଟେକ୍ନୋଲୋଜି ବ୍ୟବହାର କରାଯିବ। ଏହା ଜଳ ବ୍ୟବହାର ଦକ୍ଷତା ଏବଂ କୃଷି ଉତ୍ପାଦନ ସହିତ କୃଷି ସ୍ତରରେ ଉତ୍ପାଦକତା ବୃଦ୍ଧି କରିବ, ଯାହାଦ୍ୱାରା କୃଷକଙ୍କ ଆୟ ବୃଦ୍ଧି ପାଇବ। ଜଳସେଚନ ସମ୍ପତ୍ତିର ପରିଚାଳନା ପାଇଁ ଜଳ ବ୍ୟବହାରକାରୀ କମିଟିକୁ ଜଳସେଚନ ପରିଚାଳନା ହସ୍ତାନ୍ତର କରି ଏହି ପ୍ରକଳ୍ପଗୁଡ଼ିକୁ ସ୍ଥାୟୀ କରାଯିବ। ଜଳ ବ୍ୟବହାରକାରୀ ସଂସ୍ଥାଗୁଡ଼ିକୁ ପାଞ୍ଚ ବର୍ଷ ପାଇଁ ଏଫ.ପି.ଓ. କିମ୍ବା ପି.ଏ.ସି.ଏସ. ଭଳି ବର୍ତ୍ତମାନର ଆର୍ଥିକ ସଂସ୍ଥା ସହିତ ଯୋଡ଼ିବା ପାଇଁ ସହାୟତା ପ୍ରଦାନ କରାଯିବ। ଆଧୁନିକ ଜଳସେଚନ ପଦ୍ଧତି ଅବଲମ୍ବନ କରି ଯୁବବର୍ଗଙ୍କ ମଧ୍ୟରେ କୃଷି କ୍ଷେତ୍ରକୁ ଆସିବାର ଆଗ୍ରହ ମଧ୍ୟ ବଢ଼ିବ। ରାଜ୍ୟଗୁଡ଼ିକୁ ଚାଲେଞ୍ଜ ପାଣ୍ଠି ଯୋଗାଣ ଜରିଆରେ ଦେଶର ବିଭିନ୍ନ କୃଷି ଜଳବାୟୁ ଜୋନରେ ପରୀକ୍ଷାମୂଳକ ପ୍ରକଳ୍ପ ହାତକୁ ନେବା ଲାଗି ପ୍ରାରମ୍ଭିକ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକର ପରିକଳ୍ପନା ଏବଂ ତାଙ୍କୁ ଆଧାର କରି ଷୋଡ଼ଶ ଅର୍ଥ ଆୟୋଗଙ୍କ ଅବଧି ପାଇଁ ୨୦୨୬ ମସିହା ଏପ୍ରିଲ ମାସରୁ କମାଣ୍ଡ କ୍ଷେତ୍ର ବିକାଶ ଏବଂ ଜଳ ପରିଚାଳନା ପାଇଁ ଜାତୀୟ ଯୋଜନାର ଶୁଭାରମ୍ଭ କରାଯିବ।

### ଆମେରିକା ଉତ୍ପାଦ ଉପରେ ...

ବୋଲି ଆର୍ଥିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଟ୍ରମ୍ପଙ୍କ ପାରସ୍ପରିକ ଶୁଳ୍କ ଘୋଷଣା ହେବା ପରେ ଚୀନ ଆମେରିକା ଉପରେ ୩୪% ଶୁଳ୍କ ଲାଗୁ କରିଥିଲା। ଟ୍ରମ୍ପ ଚୀନକୁ ଚେତାବନୀ ଦେଇ ଶୁଳ୍କ ପ୍ରତ୍ୟାହାର କରିବାକୁ କହିଥିଲେ। ନଚେତ ଅଧିକ ଶୁଳ୍କ ଲାଗୁ କରିବାକୁ ଟ୍ରମ୍ପ ଚେତାବନୀ ଦେଇଥିଲେ। ଚୀନ ଟ୍ରମ୍ପଙ୍କ ଧମକକୁ ଖାତିର କରି ନ ଥିଲା। ଯାହାଫଳରେ ଟ୍ରମ୍ପ ଚୀନ ଉତ୍ପାଦ ଉପରେ ୧୦୪% ଶୁଳ୍କ ଲଗାଇଥିଲେ। ଏହାର ଜବାବରେ ଚୀନ ୮୪% ଶୁଳ୍କ ଲଗାଇଛି।

### ଭାରତ-ସ୍ଲୋଭାକିଆରେ...

ରୂପେ ଭାଗ ନେବା ପାଇଁ ଆମନ୍ତ୍ରଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦ୍ୱିପାକ୍ଷିକ ବାର୍ତ୍ତା ପରେ ସ୍ଲୋଭାକିଆର ରାଷ୍ଟ୍ରପତିଙ୍କ ସହିତ ସଂଯୁକ୍ତ ବୟାନ ମଧ୍ୟ ଦେଇଛନ୍ତି। ରାଷ୍ଟ୍ରପତି ଦ୍ୱିପାକ୍ଷିକ ସମ୍ବନ୍ଧକୁ ମଜଭୁତ କରିବାର ଦିଗରେ ରାଷ୍ଟ୍ରପତି ପେଲେଗ୍ରିନ୍‌ର ବ୍ୟକ୍ତିଗତ ପ୍ରତିବଦ୍ଧତା ଏବଂ ପହଲର ପ୍ରଶଂସା କରିଛନ୍ତି।

### ଗୃହ ବିଭାଗରେ ୫ଶହରୁ ...

ହ୍ରାସ ପାଇବ ଏବଂ ନାଗରିକମାନଙ୍କୁ ତୁରନ୍ତ ନ୍ୟାୟ ମିଳିବାରେ ସହାୟତା ମିଳିବ। ସେହିପରି ଷ୍ଟେଟ ଫୋରେନସିକ ସାଇନ୍ସ ସର୍ଭିସ ସଂସ୍ଥା ପାଇଁ ୨୪୭ ନୂଆ ପଦବୀ ସୃଷ୍ଟି ହୋଇଛି। ଏହି ୨୪୭ ନୂଆ ପଦବୀ ସୃଷ୍ଟି ନେଇ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

### ମନୋଜ କୁମାର ପରିଡ଼ା ହେଲେ...

ନିଯୁକ୍ତି ଦେଇଛନ୍ତି। ସେମାନେ ହେଲେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ପ୍ରାଣବିନ୍ଦୁ ଆଚାର୍ଯ୍ୟ, ଉଚ୍ଚ ନ୍ୟାୟାଳୟର ଆଡଭୋକେଟ୍ କଳ୍ପନା ପଟ୍ଟନାୟକ ଏବଂ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ପବିତ୍ର ମଣ୍ଡଳ।

### ଅପପୁଷ୍ଟିର ଅପବାଦରୁ...

ଶିକାର ୬ମାସରୁ ୫ବର୍ଷର ଶିଶୁଙ୍କୁ ଛତୁଆ, ଅଣ୍ଡା ଦିଆଯାଉଛି । ତା' ପରେ ବି ସ୍ଥିତି ସୁଧୁରୁନି । ୨୦୨୩-୨୪ବର୍ଷରେ ୧୩,୭୩୬ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି । ଯାଜପୁର, ନୂଆପଡ଼ାରେ ସ୍ଥିତି ସୁଧୁରିଛି । କିନ୍ତୁ ଉପାନ୍ତରେ ଚିତ୍ର ଆହୁରି ଭୟଙ୍କର । ୫୦୦ରୁ ଅଧିକ ଶିଶୁ ଆକ୍ରାନ୍ତ ହୋଇଥିବା ଜିଲ୍ଲା ସଂଖ୍ୟା ୧୨ରେ ପହଞ୍ଚିଲାଣି । ଗରିବ କଲ୍ୟାଣ ଲାଗି ଅନେକ ଯୋଜନା ଲାଗୁ ପରେ ବି ସ୍ଥିତିରେ ସୁଧାର ନ ଆସିବା ସରକାରୀ ଯୋଜନାର ବାସ୍ତବତା ନେଇ ପ୍ରଶ୍ନଚିହ୍ନ ଲଗେଇଛି । ସଂଖ୍ୟା କମୁଛି କହି ଖସି ଯାଉଛନ୍ତି ସରକାର । ହେଲେ ଆଜି ବି ଅଳିଆ ଗଦାରୁ ଆହାର ଖୁଣ୍ଟି ଗରିବ ଭୋକ ମାରିବାକୁ ଚେଷ୍ଟା କରୁଛି । ବିକାଶର ହିସାବ କରୁଥିବା ନେତା, ଏସି ଚାମ୍ବରରୁ ହଲୁ ନଥିବା ଅଧିକାରୀ ଏହାକୁ ନିଜ ବିଫଳତା ବୋଲି ନ କହିଲା ଯାଏଁ ସ୍ଥିତି ସୁଧୁରିବା ଆପାତତଃ ଅସମ୍ଭବ ବୋଲି କୁହାଯାଇପାରେ ।

### ପ୍ରଚଣ୍ଡ ଗ୍ରୀଷ୍ମ ତାତି ...

ଶିକ୍ଷାଧିକାରୀଙ୍କ ପକ୍ଷରୁ ସ୍କୁଲରେ ପିଲାଙ୍କ ପାଠପଢା ସମୟ ସାଢ଼େ ୧୦ଟା ଯାଏ ଥିବା ବେଳେ ଅନ୍ୟ ସରକାରୀ କାର୍ଯ୍ୟ ପାଇଁ ସାଢ଼େ ୧୨ଟା ଯାଏ ଶିକ୍ଷକମାନେ ସ୍କୁଲରେ ରହିବାକୁ ପୂର୍ବରୁ ଚିଠି କରିଥିଲେ । ତେବେ ଗ୍ରୀଷ୍ମ ତାତି ବଢିବା ଯୋଗୁ ଶିକ୍ଷକମାନେ ସେମାନଙ୍କ କାର୍ଯ୍ୟ ସମୟ ସାଢ଼େ ୧୦ଟାକୁ ହ୍ରାସ କରିବାକୁ ଦାବି ଜଣାଇଥିଲେ । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଚିଠି କରାଯାଇଛି।

ଭୁବନେଶ୍ୱର
୧୦ ଅପ୍ରେଲ,
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ୦.୨୫% ରେପୋ ରେଟ୍ କମାଇଲା ଆରବିଆଇ



**ନୂଆଦିଲ୍ଲୀ,୦୯ /୦୪**

ଉପଭୋକ୍ତାଙ୍କ ପାଇଁ ଖୁସି ଖବର । କମିଲା ରେପୋ ରେଟ୍ । ୦.୨୫% ରେପୋ ରେଟ୍ କମାଇଲା ଆରବିଆଇ। ୦.୨୫% ବେସିସ୍ ପଏଣ୍ଟ ହ୍ରାସ ହେବା ପରେ ରେପୋ ରେଟ୍ ୬% ରହିଛି। ଏଣିକି କମ୍ ସୁଧରେ ଗ୍ରାହକଙ୍କୁ ମିଳିବ ଋଣ । ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରା ନୀତି କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି । ରେପୋରେଟ୍ ହ୍ରାସ ନେଇ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ଘୋଷଣା କରିଛନ୍ତି। ଲଗାତାର ଦ୍ୱିତୀୟ ଥର ରେପୋ ରେଟ୍ ହ୍ରାସ କରିଛି ଆରବିଆଇ । ବୁଧବାର ପୂର୍ବାହ୍ନ ୧୦ଟାରେ ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରା ନୀତି ବୈଠକ ବସିଥିଲା। ବଜାର ବିଶେଷଜ୍ଞଙ୍କ ମତରେ କେନ୍ଦ୍ରୀୟ ବ୍ୟାଙ୍କ ସୁଧହାରରେ ଆହୁରି ୨୫ ବେସିସ୍ ପଏଣ୍ଟ ହ୍ରାସ କରିବାର ସମ୍ଭାବନା ରହିଥିଲା। ଯାହା ଅନୁମାନ କରାଯାଉଥିଲା ତାହା ହେଲା, ଏମପିସି ବୈଠକରେ ୦.୨୫% ରେପୋ ରେଟ୍ କମାଇବାକୁ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ୬% ବେସିସ୍ ପଏଣ୍ଟ ରହିଛି ରେପୋ ରେଟ୍। ଏଣିକି କମ୍ ସୁଧରେ ଗ୍ରାହକଙ୍କୁ ଋଣ ମିଳିବ। ହୋମ୍ ଲୋନ୍, କାର୍ ଲୋନ୍ ଓ ପର୍ସନାଲ୍ ଲୋନ୍‌ର ଇଏମଆଇ ଶସ୍ତା ହେବ। ଗ୍ରାହକଙ୍କୁ କମ୍ ସୁଧ ଦେବାକୁ ପଡ଼ିବ । ସେହିପରି ଜିଡିପି ବୃଦ୍ଧି ନେଇ ଆରବିଆଇ ଗଭର୍ଣ୍ଣର କହିଛନ୍ତି, ଆର୍ଥିକ ବର୍ଷ ୨୦୨୫-୨୬ରେ ଜିଡିପି ଗ୍ରୋଥ ରେଟ୍ କମ୍ କରି ୬.୫ ପ୍ରତିଶତ କରାଯାଇଛି । ପୂର୍ବରୁ ୬.୭୦ % କରାଯାଇଥିଲା । ୫ ବର୍ଷ ପରେ ଭେଟି ପରେ ଭେଟି- ଏହା ପୂର୍ବରୁ ଗତ ଫେବୃୟାରୀରେ ଏମପିସି ବୈଠକରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ବଡ଼ ନିଷ୍ପତ୍ତି ନେଇ ୫ ବର୍ଷ ପରେ ରେପୋ ରେଟ୍ ହ୍ରାସ୍ କରିଥିଲା । ୨୫ ବେସିସ୍ ପଏଣ୍ଟ କମାଇଥିଲା । ଏହାପରେ ରେପୋ ରେଟ୍ କମ୍ ହୋଇ ୬.୨୫% ହୋଇଥିଲା । ଏହାପୂର୍ବରୁ ଆରିବିଆଇ ୨୦୨୦ରେ ରେପୋ ରେଟ୍ ହ୍ରାସ କରିଥିଲା । ଏହାପରେ ରେପୋ ରେଟ୍ ଧିରେ ଧିରେ ବଢି ୬.୫ ପ୍ରତିଶତ ହୋଇଥିଲା। ଶେଷଥର ପାଇଁ ୨୦୨୩ ଫେବୃୟାରୀରେ ରେପୋ ରେଟ୍ ବଢ଼ିଥିଲା । ଯେଉଁ ସୁଧହାରରେ ବ୍ୟାଙ୍କକୁ ଆରବିଆଇ ଋଣ ଦେଇଥାଏ ତାହାକୁ ରେପୋ ରେଟ୍ କୁହାଯାଏ । ଯେତେବେଳେ ରେପୋ ରେଟ୍ ହ୍ରାସ ହୁଏ ବ୍ୟାଙ୍କଗୁଡିକୁ ଶସ୍ତାରେ ଫଣ୍ଡ ମିଳେ। ଫଳରେ ବ୍ୟାଙ୍କଗୁଡିକ ସେମାନଙ୍କ ଗ୍ରାହକଙ୍କୁ ଶସ୍ତାରେ ଋଣ ପ୍ରଦାନ କରିଥାନ୍ତି ।

## ମା’ ତାରିଣୀଙ୍କୁ ୫୦ ଲକ୍ଷର ସୁନା ମୁକୁଟ ଦାନ

# ମା’ ତାରିଣୀଙ୍କ ଚଇତି ଯାତ ଆରମ୍ଭ



**ଘଟଗାଁ, ୯/୪ ନ୍ୟୁଜ ବ୍ୟୁରୋ**

ବୁଧବାରଠୁ ଆରମ୍ଭ ହୋଇଛି ମା’ ତାରିଣୀଙ୍କ ଚଇତି ଯାତ। କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ତାରିଣୀଙ୍କ ୮୯ ତମ ବିଶ୍ୱ ପ୍ରସିଦ୍ଧ ଚଇତି ପର୍ବ ବୁଧବାର ଠାରୁ ଆରମ୍ଭ ହୋଇଛି । ୧୯୩୬ ମସିହାଠୁ ମା’ଙ୍କ ଚଇତି ପର୍ବ ମହାଆଡ଼ମ୍ବରରେ ପାଳିତ ହୋଇଆସୁଛି। ବୁଧବାର ଠାରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ମା’ ତାରିଣୀ । ଭୋର ସାଢେ ଚାରିଟା ସମୟରେ ସେବାୟତମାନେ ମା’ଙ୍କୁ ମାଜଣା, ମହାସ୍ନାନ, ବଡ଼ ସିଂହାର ବେଶ, ଷୋଡଶ ଉପଚାର ପୂଜା ସମେତ ଯଥାରିତିକାନ୍ତିରେ ମା’ଙ୍କର ପୂଜାର୍ଚ୍ଚନା କରି ସାରିବାପରେ ମା’ଙ୍କୁ ସୁନାବେଶରେ ସଜ୍ଜିତ କରିଥିଲେ। ପରେ ଭକ୍ତଙ୍କ ପାଇଁ ମନ୍ଦିର ପହଡ଼ ଖୋଲିଥିଲା। ଚଇତିରେ ମା’ଙ୍କ ସୁନାବେଶକୁ ଦର୍ଶନ କରିବା ପାଇଁ ସକାଳୁ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲା ବରସୁଆଁ ବାସୁକିନାଥ ଗ୍ରୁପ୍‌ର ମାଲିକ ବଜରଙ୍ଗ ଅଗ୍ରୱାଲ ମା’ ତାରିଣୀଙ୍କୁ ସୁନା ମୁକୁଟ ଦାନ କରିଛନ୍ତି। ୪୪୫ ଗ୍ରାମ୍ ୪୭୦ ମିଲିଗ୍ରାମ ଓଜନ ବିଶିଷ୍ଟ ଏହି ସୁନା ମୁକୁଟର ମୂଲ୍ୟ ୫୦ ଲକ୍ଷ ଟଙ୍କା। କଟକର କାରିଗରମାନେ ଏହାକୁ ୨୫ ଦିନରେ ପ୍ରସ୍ତୁତ କରିଛନ୍ତି। ଶ୍ରୀ ଅଗ୍ରୱାଲ ମା’ ତାରିଣୀଙ୍କ ନିକଟରେ ମାନସିକ କରିଥିଲେ। ମାନସିକ ପୂରଣ ହେବାରୁ ପରିବାର ସହ ମା’ଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ମା’ଙ୍କୁ ସୁନା ମୁକୁଟ, ଆଖି, ଆଖିପତା, ନାକଗୁଣା, ମଥାବିନ୍ଦି, ଅଙ୍ଗବସ୍ତ୍ର ପ୍ରଦାନ କରିଥିବାବେଳେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ଓ ଭରତ କିଶୋର ପଲେଇ ଉପସ୍ଥିତ ରହି ଏହାକୁ ଗ୍ରହଣ କରିଥିଲେ। ମନ୍ଦିରର ସମସ୍ତ ପୂଜକଙ୍କୁ ବସ୍ତ୍ର ଏବଂ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ପୂର୍ବରୁ ମା’ଙ୍କୁ ଲାଗି କରାଯାଉଥିବା ସୁନା ମୁକୁଟଠାରୁ ଏହା ଦୁଇଇଞ୍ଚ ବଡ଼। ଦାନ ସ୍ୱରୂପ ମିଳିଥିବା ସୁନା ମୁକୁଟ ଓ ଅନ୍ୟାନ୍ୟ ଅଳଙ୍କାରକୁ ଚଇତି ପର୍ବର ପ୍ରଥମ ଦିନରେ ମା’ଙ୍କୁ ଲାଗି କରାଯିବ ବୋଲି ମା’ ତାରିଣୀ ମନ୍ଦିର କର୍ତ୍ତୃପକ୍ଷ ସୂଚନା ଦେଇଥିଲେ।

## ଫେସ୍ ଆଇଡି ଥିବା ଆଧାର ଆପ୍ ଶୁଭାରମ୍ଭ

# ନୂଆ ଶିଳ୍ପ ବିପ୍ଳବ ହେଉଛି ଏଆଇ : କେନ୍ଦ୍ର ଆଇଟି ମନ୍ତ୍ରୀ



**ନୂଆଦିଲ୍ଲୀ,୦୯/୦୪**

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବର୍ତ୍ତମାନ ନୂଆ ଶିଳ୍ପ ବିପ୍ଳବ ହୋଇଛି। ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମି ସହ ଏଆଇକୁ କିଭଳି ସମନ୍ୱିତ କରାଯାଇ ପାରିବ, ସେଥିପାଇଁ ଅଂଶୀଦାରମାନେ ନିଜ ଚିନ୍ତାଧାରା ବିନିମୟ କରିବା ଆବଶ୍ୟକ । ନୂଆଦିଲ୍ଲୀରେ ଅନୁଷ୍ଠିତ ‘ଆଧାର ସମ୍ବାଦ’ରେ ଯୋଗଦେଇ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି । ମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ଅନେକ ପଦକ୍ଷେପର ‘ଆଧାର’ ହୋଇଛି ଆଧାର । ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମିର ମୂଳଭିତ୍ତି ସାଜିଛି । ଜୀବନକୁ କିଭଳି ଆହୁରି ସହଜ କରିହେବ, ତାହା ଉପରେ ସରକାର ପ୍ରାଥମିକତା ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ସେ ନୂଆ ‘ଆଧାର ଫେସ୍ ଅଥେଣ୍ଟିକେସନ’ର ଉଦାହରଣ ଦେଇଛନ୍ତି । ଅଶ୍ୱିନୀଙ୍କ ଦ୍ୱାରା ବୁଧବାର ଫେସ୍ ଆଇଡି ଥିବା ଆଧାର ମୋବାଇଲ ଆପ୍ ଶୁଭାରମ୍ଭ ହୋଇଛି। ଏହି ଆପ୍ ଦ୍ୱାରା ୟୁଜରମାନେ ସେମାନଙ୍କ ଆଧାର ବିବରଣୀ ଡିଜିଟାଲ ଭାବେ ସେୟାର କରିପାରିବେ । ସେମାନଙ୍କୁ ଆଧାର କାର୍ଡ କିମ୍ବା ଏହାର କପି ଦେବାକୁ ପଡ଼ିବ ନାହିଁ । ଏଥିରେ ତଥ୍ୟ ଲିକ୍ ହେବନାହିଁ। କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ‘ଆଧାର ସମ୍ବାଦ’ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଏଥିରେ ପ୍ରାୟ ୭୫୦ ବରିଷ୍ଠ ନୀତି ନିର୍ଦ୍ଧାରକ, ବିଶେଷଜ୍ଞ, ଟେକ୍ନୋକ୍ରାଟ, ବିଭିନ୍ନ କ୍ଷେତ୍ରର ପ୍ରତିନିଧି ଓ ପେସାଦାର ସାମିଲ ହୋଇଥିଲେ । କେନ୍ଦ୍ର ଆଇଟି ସଚିବ ଏସ୍ କ୍ରିଷ୍ଣନ କହିଥିଲେ, ଅନ୍ତର୍ଭୁକ୍ତିକରଣକୁ ଆଧାର ଗତିଶୀଳ କରାଇବା ସହ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେଉଛି । ତା’ଛଡ଼ା ଆଧାର ଏଭଳି ଏକ ପରିଷ୍କୃତ ପ୍ରଣାଳୀ, ଯାହା ଗୋପନୀୟତାକୁ ସୁରକ୍ଷିତ ରଖିବା ସହ ପରିଚୟକୁ ପ୍ରମାଣିତ କରୁଛି । ସମ୍ମିଳନୀରେ ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟର ସଚିବ ଡ. ସୌରଭ ଗର୍ଗ, ୟୁଆଇଡିଏଆଇ ଅଧ୍ୟକ୍ଷ ନୀଳକଣ୍ଠ ମିଶ୍ର, ୟୁଆଇଡିଏଆଇ ସିଇଓ ଭୁବନେଶ କୁମାର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଫେରିଲା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଅଣଲେଉଟା ରଥ

**ଭୁବନେଶ୍ୱର, ୯/୪ ନ୍ୟୁଜ ବ୍ୟୁରୋ**



ଆଶୋକାଷ୍ଟମୀଠାରୁ ରାମେଶ୍ୱର ମନ୍ଦିରକୁ ଯାତ୍ରା କରିଥିବା ଶ୍ରୀଲିଙ୍ଗରାଜ, ଦେବୀ ରୁକୁଣା ଓ ଦୋଳଗୋବିନ୍ଦ ବୁଧବାର ଦେବଦଳନ ରଥରେ ବସି ଲେଉଟିଲେ ସ୍ୱର୍ଣ୍ଣାଦ୍ରୀକୁ। ଏହି ରଥର ବିଶେଷତ୍ୱ ହେଉଛି ଏହା ଅଣ ଲେଉଟା ଅର୍ଥାତ୍ ବିନା ମୋଡରେ ରଥ ଫେରିଥାଏ। ଜଗନ୍ନାଥ ମହାପ୍ରଭୁଙ୍କ ରଥ ଦକ୍ଷିଣ ମୋଡ଼ ହେଉଥିବା ବେଳେ ରୁକୁଣା ରଥ କୌଣସି ମୋଡ ନେଇ ନ ଥାଏ। ଏଥିପାଇଁ ଏହାକୁ ଅଣଲେଉଟା କୁହାଯାଏ। ବିଧି ଅନୁସାରେ ରଥର ପଛପଟ ଦ୍ୱାର ଖୋଲାଯାଏ। ଏହି ଦ୍ୱାରରେ ସାରଥି ବ୍ରହ୍ମା, ଚାରି ଅଶ୍ୱ ଓ ଈଶଙ୍କୁ ଆଗରୁ ଆଣି ନୂତନ ପଟ ଦ୍ୱାରରେ ଲଗାଯାଏ। ସେହିପରି ସିଂହାସନ ପ୍ରଭାଙ୍କୁ ମଧ୍ୟ ବୁଲାଇ ଦିଆଯାଇଥାଏ। ଏଥିସହିତ ନୂତନ ପଟ ଦ୍ୱାରରେ ଚାରମାଳ ବନ୍ଧାଯାଇଥାଏ। ଯାହାଫଳରେ ଠାକୁରମାନେ ଏହି ନୂତନ ଦ୍ୱାରରେ ପହଣ୍ଡି ହୋଇ ରଥ ଉପରକୁ ଆସିଥାନ୍ତି। ବୁଧବାର ଭୋର ୬.୩୦ରେ ମଙ୍ଗଳଆଳତୀ ଓ ଅବକାଶ, ୮.୩୦ମିନିଟ୍‌ରେ ରୋଷ ହୋମ, ପାକ କାର୍ଯ୍ୟ, ୬.୩୦ରୁ ୯.୩୦ ମିନିଟ୍ ପର୍ଯ୍ୟନ୍ତ ସାହାଣ ମେଲା, ୯.୩୦ରୁ ୧୦ଟା ଛାମୁ ପରିଷ୍କାର, ୧୦ ଟାରୁ ୧୦.୩୦ ମହାସ୍ନାନ, ସୂର୍ଯ୍ୟ ପୂଜା, ଦ୍ୱାର ପାଳ ପୂଜା, ୧୦ଟା ୩୦ରୁ ୧୧.୩୦ ଶ୍ରୀଭୁବନେଶ୍ୱରୀଙ୍କ ସକାଳ ଧୂପ, ୧୧.୩୦ରୁ ୧୨.୩୦ ଭୋଗ ମଣ୍ଡପ ଅନୁଷ୍ଠିତ ହୋଇଥିବା ବେଳେ ମଧ୍ୟାହ୍ନ ୧୨.୩୦ ରୁ ୧.୩୦ ଅଧର ପଣା ପୂଜା, ଅପରାହ୍ଣ ୧.୩୦ରୁ ୩.୦୦ ଟା ପହଣ୍ଡି, ଅପରାହ୍ଣ ୩.୩୦ରୁ ରୁକୁଣା ରଥଟଣା ଆରମ୍ଭ ହୋଇ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଲାଗିଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ୫ଲକ୍ଷ ଇନାମୀ ୫ ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି, ୯/୪ ନ୍ୟୁଜ ବ୍ୟୁରୋ**

୫ ମହିଳା ମାଓବାଦୀଙ୍କ ଆତ୍ମସର୍ମପଣ। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନକ୍ସଲ ପ୍ରଭାବିତ ନାରାୟଣପୁର ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ମାଓ ସଙ୍ଗଠନରେ ସକ୍ରିୟ ଥିବା ପାଞ୍ଚଜଣ ଇନାମୀ ମହିଳା ମାଓବାଦୀ ପୋଲିସ ନିକଟରେ କରିଛନ୍ତି ଆତ୍ମସମର୍ପଣ। ଏହି ମାଓବାଦୀମାନେ ହେଲେ ଲକ୍ଷ୍ମୀ ଭାଞ୍ଜାମୀ, ସନି ଓରଫ ଜାମଲି ପୋଡିୟମ, ଅନିତା ଉସେଣ୍ଡି, ସୁକୟ ପୋଡିୟମ ଏବଂ କୁମ୍ମେ ପୋଡିୟମ। ପ୍ରତ୍ୟେକ ମାଓବାଦୀଙ୍କ ନାଁରେ ୧ ଲକ୍ଷ ଲେଖାଏଁ ମୋଟ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ତେବେ ଏମାନେ ଦୀର୍ଘ ବର୍ଷ ଧରି ମାଓ ସଙ୍ଗଠନରେ କାର୍ଯ୍ୟ କରୁଥିବା ବେଳେ ମାଓ ସଙ୍ଗଠନ ନିଜର ସ୍ଥିତି ଓ ନୀତି ଆଦର୍ଶ ହରାଉ ଥିବାରୁ, ଏମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶିର ଚେକ୍ ଆକାରରେ ଦିଆଯାଇଥିବା ବେଳେ, ସରକାରଙ୍କ ପୁନର୍ବାସ ଯୋଜନାରେ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଶିଳ୍ପର ଏନ୍ତୁଡ଼ି ଶାଳ ହେବ ଭଦ୍ରକ : ରାଜସ୍ୱ ମନ୍ତ୍ରୀ

**ଭଦ୍ରକ, ୯/୪ ନ୍ୟୁଜ ବ୍ୟୁରୋ**



ଶିଳ୍ପର ଏନ୍ତୁଡ଼ି ଶାଳ ହେବ ଭଦ୍ରକ। ଏଥିପାଇଁ ପ୍ରସ୍ତୁତି ଚାଲିଛି। ସଂପୂର୍ଣ୍ଣ ଡାଟାବେସ୍ ତିଆରି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଧାମରା ହେବ ଶିଳ୍ପ କ୍ଷେତ୍ରର ହବ୍। ଭଦ୍ରକ ଜିଲ୍ଲା ଗସ୍ତ ସମୟରେ ଏହି ଘୋଷଣା କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସୂଚନାଥାଉକି, ରାଜସ୍ୱ ମନ୍ତ୍ରୀ ଭଦ୍ରକ ଗସ୍ତରେ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତ ରାଏଙ୍କ ସମେତ ଜିଲ୍ଲାର ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିଥିଲେ। ତେବେ ବୈଠକ ପରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ଦୁଇ ମାସ ମଧ୍ୟରେ ଭଦ୍ରକ ଜିଲ୍ଲାରେ ଥିବା ଲଘୁ ଖଣିଜର ସ୍ଥିତି ସହ ଆର୍ଥିକ ସ୍ଥିତି ବିଷୟରେ ସମ୍ପୂର୍ଣ୍ଣ ଡାଟା ବେସ୍ ତିଆରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭଦ୍ରକ ଜିଲ୍ଲାର ଧାମରା ଶିଳ୍ପ କ୍ଷେତ୍ରରେ ହବ୍ ହେବା ପାଇଁ ଯାଉଛି । ଭଦ୍ରକ ଜିଲ୍ଲା ହେବ ଉଦ୍ୟୋଗୀ ହବ୍। ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି, ରାସ୍ତା ଘାଟର ସୁବିଧା ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହେବ । ମନ୍ତ୍ରୀ ଆହୁରି କହିଛନ୍ତି ଜିଲ୍ଲାରେ ବସୁନ୍ଧରା ଯୋଜନାରେ ୪ ଡେସିମିଲ ଜମି ପ୍ରଦାନ କରାଯିବ। ଶିକ୍ଷା ଓ ସ୍ୱାସ୍ଥ୍ୟ, ପାନୀୟ ଜଳ ସଂଯୋଗୀକରଣ ଆଦି ବିଷୟରେ ସମୀକ୍ଷା ହୋଇଛି। ସମ୍ପୂର୍ଣ୍ଣ ଡାଟାବେସ ଆସିବା ପରେ ପୁଣି ସମୀକ୍ଷା ହେବ। ଗରିବ କଲ୍ୟାଣ ଯୋଜନାର ଅଗ୍ରଗତି, ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଜମି ପଟ୍ଟା ବଣ୍ଟନ, ଜଙ୍ଗଲ ଜମିର ସୁରକ୍ଷା ଆଦି ବିଷୟରେ ମଧ୍ୟ ଆଲୋଚନା ହୋଇଛି। ଏହାସହ ସୁରେଶ ପୂଜାରୀ କହିଛନ୍ତି ଆଧୁନିକ ଓ ବିକଶିତ ଓଡ଼ିଶା ଗଠନ ପାଇଁ ୧୪୫ ଏମଓୟୁରେ ୧୩ ଲକ୍ଷ କୋଟି ନିବେଶ ପାଇଁ ଚୁକ୍ତି ହୋଇଛି। ଆହୁରି ଅଧିକ ୨୦ ଶିଳ୍ପ ସଂସ୍ଥା ଚୁକ୍ତି ପାଇଁ ନିବେଶକାରୀ ଆସିବେ ବୋଲି ପ୍ରତିଶ୍ରୁତି ମିଳିଛି। ସମୁଦାୟ ୨୭ ଲକ୍ଷ କୋଟି ନିବେଶ ହେବ । ସେମାନଙ୍କ ପାଇଁ ଜଳ, ଜମି ଆଦି ଉପଲବ୍ଧ କରାଯିବ ବୋଲି କହିଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ।

# ମାସକୁ ୨ ହଜାର ମାମଲାର ତଦନ୍ତ ଶେଷ କର : ଡିସିପି

**ଭୁବନେଶ୍ୱର, ୯/୪ ନ୍ୟୁଜ ବ୍ୟୁରୋ**


ଏଣିକି ଆଉ ଥାନାରେ ପୁରୁଣା ମାମଲା ପଡ଼ିରହିବ ନାହିଁ। ପୂର୍ବରୁ ପଡ଼ିରହିଥିବା ମାମଲାଗୁଡ଼ିକର ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିବାକୁ ହେବ। ଏମିତି କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଭୁବନେଶ୍ୱର ଡିସିପି। ଭୁବନେଶ୍ୱର କମିସନରେଟ୍ ପୁଲିସରେ ବିଭିନ୍ନ ଥାନାରେ ୧୦ହଜାରରୁ ଊର୍ଦ୍ଧ୍ୱ ପୁରୁଣା ମାମଲା ପଡ଼ିରହିଛି। ଫଳରେ ଲୋକେ ନ୍ୟାୟ ପାଇବା ବହୁ ବିଳମ୍ବିତ ହେଲାଣି। ତେଣୁ ମାସକୁ ଅତିକମ୍‌ରେ ୨ ହଜାର ମାମଲାର ତଦନ୍ତ ଶେଷ କରିବା ସହ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯିବ ବୋଲି ଡିସିପି ଜଗମୋହନ ମୀନା କହିଛନ୍ତି। ଏଥିପାଇଁ ସମସ୍ତ ଥାନାକୁ ଓ ଜୋନ୍ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଡିସିପିମାନେ ସବୁ ଜୋନ୍‌ର ପୁରୁଣା ମାମଲା ତଦନ୍ତ ବାବଦରେ ତଦାରଖ କରିବେ। ଠିକଣା ସମୟରେ ତଦନ୍ତ ଶେଷ କରିଥିବା ଅଧିକାରୀଙ୍କୁ ପୁରସ୍କୃତ କରାଯିବ ଓ ଯେଉଁମାନେ ଏଥିରେ ଅସଫଳ ହେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଡିସିପି ଶ୍ରୀ ମୀନାଙ୍କ ଏଭଳି କଡ଼ା ଆଭିମୁଖ୍ୟ ପରେ ଏବେ ପୁଲିସ ମହଲରେ ଛନକା ପଶିଛି। ପ୍ରତି ମାସରେ ଭୁବନେଶ୍ୱର ସହରାଞ୍ଚଳ ପୁଲିସରେ ପାଖାପାଖି ୧୨୩୨ରୁ ଅଧିକ ମାମଲା ରୁଜୁ ହେଉଛି। ମାର୍ଚ୍ଚ ମାସରେ ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ୧୩୦୦ ମାମଲାର ତଦନ୍ତ ଶେଷ କରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି। ଏମିତି ହିସାବରେ ପ୍ରତିମାସରେ କିଛି ନା କିଛି ମାମଲା ସେମିତି ଗଡୁଛି। ଚାର୍ଜସିଟ୍



ହୋଇପାରୁନାହିଁ। ବିଶେଷକରି ପୁରୁଣା ମାମଲା ଗଡୁଥିବାରୁ ଲୋକେ ନ୍ୟାୟ ପାଇପାରୁନାହାନ୍ତି। ତେଣୁ ଆଗକୁ ପ୍ରତି ମାସରେ ୨୦୦୦ରୁ ଅଧିକ ମାମଲାର ତଦନ୍ତ ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ପ୍ରତି ଜୋନ୍‌ରେ ଜଣେ ଲେଖାଏ ଆଡିସ୍‌ନାଲ୍ ଡିସିପିଙ୍କୁ ପରାମର୍ଶଦାତା ଭାବେ ଦାୟିତ୍ୱ ଦିଆଯାଇଛି। ସେମାନେ ନିଜ ନିଜ ଜୋନ୍‌ର ସମସ୍ତ ତଦନ୍ତକାରୀ ଅଫିସରଙ୍କୁ ଗାଇଡ୍ କରିବେ। ସେମାନଙ୍କ ପାଖରେ ପଡ଼ି ରହିଥିବା ମାମଲାର ତଦନ୍ତକୁ କିଭଳି ତ୍ୱରାନ୍ୱିତ କରାଯାଇ ଚାର୍ଜସିଟ୍ ଦାଖଲ ହେବ, ସେ ଉପରେ ଗୁରୁତ୍ୱ ଦେବେ। ସେହିଭଳି ଡିସିପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରତ୍ୟେକ ଆଡିସ୍‌ନାଲ ଡିସିପି, ଏସିପି ଓ ଇନ୍ସପେକ୍ଟରମାନେ ଏଦିଗରେ ତଦନ୍ତ ଅଧିକାରୀମାନଙ୍କ ମେଣ୍ଟର ବା ପରାମର୍ଶଦାତା ହିସାବରେ କାର୍ଯ୍ୟ କରିବେ। ଯେଉଁ ଅଧିକାରୀଙ୍କ ନିକଟରେ ସର୍ବାଧିକ ମାମଲା ପଡ଼ିରହିଛି, ସେମାନଙ୍କୁ ଅନ୍ୟ ବରିଷ୍ଠ ଅଧିକାରୀମାନେ ସହଯୋଗ କରିବେ। ଏଥିପାଇଁ ୧୫ଜଣ ଅଧିକାରୀଙ୍କୁ ପରାମର୍ଶଦାତା ଭାବେ ବଛାଯାଇଛି ଏବଂ ସେମାନେ ମାମଲାର ତଦାରଖ କରିବେ। ତଦନ୍ତ ଅଧିକାରୀଙ୍କୁ ଉତ୍ସାହିତ କରିବା ପାଇଁ ଭଲ ପ୍ରଦର୍ଶନ କରିଥିବା ଅଧିକାରୀଙ୍କୁ ପୁରସ୍କାର ରାଶି ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଗତ ମାସରେ ସର୍ବାଧିକ ୨୭ଟି ମାମଲାର ତଦନ୍ତ ଶେଷ କରିଥିବା ନୂଆପଲ୍ଲୀ ଥାନାର ସବ୍‌ଇନ୍ସପେକ୍ଟର ଶୁଭ୍ରାଂଶୁ ମହାପାତ୍ରଙ୍କୁ ୧୦,୦୦୦ ଟଙ୍କା, ୧୭ ମାମଲାର ତଦନ୍ତ ଶେଷ କରିଥିବା ଜଟଣୀ ଥାନାର ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ରମ୍ଭାବତୀ ବରୁଆ, ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ସେକ୍ ସବିର ହୁସେନ୍ ଓ ନୂଆପଲ୍ଲୀ ଥାନାର ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଗଙ୍ଗାଧର ପ୍ରଧାନଙ୍କୁ ୭,୫୦୦ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସେହିଭଳି ଅନ୍ୟ ୨୨ ତଦନ୍ତ ଅଧିକାରୀଙ୍କୁ ୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଆଗକୁ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ଏବଂ ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲାର ପୁରୁଣା ମାମଲା ସଂଖ୍ୟା ହ୍ରାସ କରାଯିବ ବୋଲି ଡିସିପି ଶ୍ରୀ ମୀନା କହିଛନ୍ତି।

## ବଜାରରେ ଉପଲବ୍ଧ...

## ‘କଥାକଳିକା’ ଏପ୍ରିଲ-୨୦୨୫ ସଂଖ୍ୟା




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ବୀରେଶ୍ୱର ମହାନ୍ତି, ପ୍ରଦ୍ୟୁମ୍ନ ପଟ୍ଟନାୟକ, ବରଦା ପ୍ରସନ୍ନ ଦାସ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, କନକ ମଂଜରୀ ମିଶ୍ର, ସୁଜାତା ମହାପାତ୍ର, ଜ୍ଞାନରଂଜନ ନାୟକ, ସଂଯୁକ୍ତା ଦାଶ, ଶରତ କୁମାର ଜେନା, ଅକ୍ଷୟ କୁମାର ମିଶ୍ର, ସୁନୀତା କର।
**ଅନ୍ୟ ଭାଷାର କଥା :** ରେବା ପଟ୍ଟନାୟକ
**ଯୁବ ମାନସର କଥା :** ରଜତ ରଶ୍ମି ସ୍ୱାଇଁ, ପ୍ରତିଭା ସାହୁ, ସୁସ୍ମିତା ମହାପାତ୍ର, ସସ୍ମିତା ରାଉତ।


(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ ‘କଥାକଳିକା’
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
‘ସମ୍ବାଦ କଳିକା’ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)

# ୮ ମାସରେ ଚନ୍ଦକାରେ ଦୁଇ ଦନ୍ତାଙ୍କ ମୃତ୍ୟୁ

**ଭୁବନେଶ୍ୱର, ୯/୪ ନ୍ୟୁଜ ବ୍ୟୁରୋ**



ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ଦନ୍ତାହାତୀ ମଲା। ଆଉ ଗୋଟିଏ ଲଢ଼େଇ କରି ଆହତ ହେଲା। ଏମିତି ଆହତ ହେଲା ଯେ ଆଉ ସୁସ୍ଥ ହେଲା ନାହିଁ, ଶେଷରେ ଜୀବନ ହାରିଲା। ଗତ ୮ ମାସରେ ଦୁଇଟି ଦନ୍ତାହାତୀଙ୍କ ଏଭଳି ମୃତ୍ୟୁ ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ କଳଙ୍କ ବୋଳିଛି। ଗୋଟିଏ ପଟେ ରାଜ୍ୟ ସରକାର ହାତୀଙ୍କ ସୁରକ୍ଷା କଥା କହୁଛନ୍ତି, ଅନ୍ୟପଟେ ରାଜଧାନୀ ଉପକଣ୍ଠରେ ଦନ୍ତାହାତୀଙ୍କ ମୃତ୍ୟୁ ଘଟୁଛି। ସତରେ ଚନ୍ଦକା ଜଙ୍ଗଲରେ ହାତୀ ସୁରକ୍ଷିତ, ଏପରି ଏକ ପ୍ରଶ୍ନ ଏବେ ବିଭିନ୍ନ ମହଲରେ ଉଙ୍କି ମାରିଲାଣି। ଅପରପକ୍ଷେ ଦନ୍ତା ମୃତ୍ୟୁ ଘଟଣାର ତଦନ୍ତକୁ ବାଟବଣା କରି ବନବିଭାଗ ଖସିଯିବାକୁ ରୀତିମତ ଯୋଜନା ଚଳାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦୁଇଟି ଦନ୍ତାହାତୀଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହାରିକୁ ଉତ୍ତରଦାୟୀ କରାଯାଇନାହିଁ। ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଦର୍ଶାଇ ସମସ୍ତେ ଚୁପ୍ ବସିପଡ଼ିଛନ୍ତି। ୨୦୨୪ ଅଗଷ୍ଟରେ ଅଭୟାରଣ୍ୟ ଅନ୍ତର୍ଗତ ଭରତପୁର ସଂରକ୍ଷିତ ଜଙ୍ଗଲରେ ବିଦ୍ୟୁତ୍ ଆଘାତରେ ଦନ୍ତାହାତୀ ‘ରାମୁ’ର ମୃତ୍ୟୁ ଘଟିଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ସହ ବନବିଭାଗ ଓ ଶକ୍ତିବିଭାଗର ଅଧିକାରୀମାନେ ତଦନ୍ତ କରିଥିଲେ। କିଏ, କେଉଁଠି ଓ କେଉଁଭଳି ଭାବେ ଜଙ୍ଗଲ ନିକଟରେ ବିଦ୍ୟୁତ୍ ତାର ଟାଣିଥିଲା, ସେ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିଥିଲା, କିନ୍ତୁ ତଥ୍ୟ ପାଇ ଅଧିକାରୀମାନେ ଚୁପ୍ ବସିଗଲେ, କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେନାହିଁ। ଘଟଣାର ଅଭିଯୁକ୍ତମାନେ ଏବେ ଖୁଲମ୍‌ଖୁଲା ବୁଲୁଛନ୍ତି। କେବଳ ଏହି ଗୋଟିଏ ଘଟଣା ନୁହେଁ, ଗତ କିଛି ମାସ ମଧ୍ୟରେ ରାଜ୍ୟରେ ଘଟିଥିବା ହାତୀମୃତ୍ୟୁ ଘଟଣାରେ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ କିମ୍ବା ସ୍କ୍ୱାଡ୍ କାମର ସମୀକ୍ଷା କରାଯାଇନାହିଁ। ନିୟମିତ ରିପୋର୍ଟ ଦିଆଯାଉ ନ ଥିବାରୁ ୭ ମାସ ତଳେ ତତ୍‌କାଳୀନ ପିସିସିଏଫ୍ (ବନ୍ୟପ୍ରାଣୀ) ବିଭିନ୍ନ ଯୋଜନାରେ କାର୍ଯ୍ୟରତ ସ୍କ୍ୱାଡ୍‌ଗୁଡ଼ିକର କାର୍ଯ୍ୟଧାରା ଉପରେ ଅସନ୍ତୋଷ ବ୍ୟକ୍ତ କରି ଆରସିସିଏଫ୍‌ମାନଙ୍କୁ ଚିଠି ଲେଖିଥିଲେ। ତା’ସତ୍ତ୍ୱେ ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ତାହାକୁ ପାଳନ କରାଗଲା ନାହିଁ। ପରିଣାମ ସ୍ୱରୂପ ମାର୍ଚ୍ଚ ମାସରେ ଆଉ ଏକ ଦନ୍ତାର ଜୀବନ ଗଲା। ଦୁଇଟି ଦନ୍ତାଙ୍କ ଲଢ଼େଇ ମଧ୍ୟରେ ଛୋଟଦନ୍ତା ଗୁରୁତର ଆହତ ହୋଇଥିଲା। ଏ ସମ୍ପର୍କରେ ୫ ଦିନ ପରେ ବନବିଭାଗ ସୂଚନା ପାଇ ତା’ର ଚିକିତ୍ସା କରାଇଥିଲେ। ଅର୍ଥାତ୍ ସେମାନେ ହାତୀକୁ ଠିକ୍ ଭାବେ ଟ୍ରାକ୍ କରିନଥିଲେ। ଏହାପରେ ଦନ୍ତାହାତୀକୁ ନିୟମିତ ଚିକିତ୍ସା ଆବଶ୍ୟକ ହେଉଥିଲେ ମଧ୍ୟ ବନ କର୍ମଚାରୀମାନେ ଆହତ ଦନ୍ତାର କୌଣସି ଖୋଜଖବର ରଖିଲେ ନାହିଁ। ଅଭୟାରଣ୍ୟ ଭିତରେ ରହିଥିଲେ ମଧ୍ୟ ବନ କର୍ମଚାରୀ କହିଲେ ଆଠଗଡ଼ ଚାଲିଯାଇଛି। ଫଳରେ କିଛି ଦିନ ପରେ ହାତୀର ମୃତଦେହ ମିଳିଥିଲା। ଯେଉଁଥିରୁ ସ୍ପଷ୍ଟ ହୋଇଥିଲା ଯେ ହାତୀଙ୍କ ଗତିବିଧିକୁ ସ୍କ୍ୱାଡ୍‌ର ସଦସ୍ୟମାନେ ଟ୍ରାକ୍ କରୁନାହାନ୍ତି। ସ୍କ୍ୱାଡ୍‌ଗୁଡ଼ିକୁ ଉପଯୁକ୍ତ ସ୍ଥାନରେ ମୁତୟନ ସହ ପାଟ୍ରୋଲିଂ ଠିକ୍ ଭାବେ କରିବାକୁ ଆରସିସିଏଫ୍‌ମାନଙ୍କୁ କୁହାଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉ ନ ଥିବା ଦେଖିବାକୁ ମିଳୁଛି। ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି ଦୁଇ ଦନ୍ତାହାତୀଙ୍କ ମୃତ୍ୟୁ ଅସ୍ୱାଭାବିକ ଥିଲା। ବିଦ୍ୟୁତ୍ ତାରରେ ‘ରାମୁ’ ହାତୀର ମୃତ୍ୟୁ ଘଟଣାର ତଦନ୍ତ ଚାଲିଛି। ଲଢ଼େଇରେ ଆହତ ହୋଇ ଜୀବନ ଯାଇଥିବା ଦନ୍ତାହାତୀର ଚିକିତ୍ସା କରାଯାଇଥିଲା। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟରେ ହର୍ପିସ୍‌ରେ ଆକ୍ରାନ୍ତ ଥିବା ଜଣାପଡ଼ିଛି।